

ବହୁତ ହୋଇଗଲା। ଅନନ୍ତ କାଳ ଯାଏ ଆତଙ୍କବାଦକୁ ସହ୍ୟ କରିପାରିବ ନାହିଁ ଭାରତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ



### ଦୁଲାଲ ରାୟ ବିଜେଡି ଆଇଟି ୱିଙ୍ଗ ସଂଯୋଜକ ମନୋନୀତ

ସମ୍ବଲପୁର,୧୧।୩ (ବ୍ୟୁରୋ)
ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରିବା, ଦଳର ବାର୍ତ୍ତା, ଆଭିମୁଖ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡି ସବୁ ଜିଲାରେ ଆଇଟି ୱିଙ୍ଗ ସଂଯୋଜକ ଚୟନ କରିଛି। ସମ୍ବଲପୁର ଜିଲାରେ ଦୁଲାଲ ଚନ୍ଦ୍ର ରାୟଙ୍କୁ ଏଥିପାଇଁ ମନୋନୀତ ହୋଇଛନ୍ତି । ଏ ନେଇ ପ୍ରେସ ବିବୃତିରେ ରାଜ୍ୟ ସଭାପତି ଅମରେଶ ପାତ୍ର ସୂଚନା ଦେଇଛନ୍ତି ।

### ବୟସ ହୋଇ ନ ଥିବାରୁ ନାବାଳିକାଙ୍କ ବିବାହ ବନ୍ଦ ହେଲା

ସମ୍ବଲପୁର,୧୧।୩ (ବ୍ୟୁରୋ)
ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ବିବାହ ମଙ୍ଗଳବାର ହେବାର ସ୍ଥିର ହୋଇଥିଲା । ଦିନକ ପୂର୍ବରୁ ଅର୍ଥାତ୍ ସୋମବାର ଏହି ନାବାଳିକାଙ୍କୁ ପ୍ରଶାସନ ଉଦ୍ଧାର କରି ଧନକଉଡାସ୍ଥିତ ସୁଧାର ଗୃହରେ ଅଶ୍ରୟ ଦେଇଛି । ପୁଅ ଘର ପରିବାରକୁ ପ୍ରଶାସନ ପକ୍ଷରୁ ହାଜର ହେବା ପାଇଁ କୁହା ଯାଇଛି। ସୂଚନାଯୋଗ୍ୟ ଜଣେ ନାବାଳିକାଙ୍କ ବିବାହ ହେଉଥିବା ନେଇ ଚାଇଲ୍ଡଲାଇନ କର୍ମଚାରୀ ଶକ୍ତି ଜେନାଙ୍କ ପାଖକୁ ଖବର ଆସିଥିଲା । ଶକ୍ତି ସିଡିପିଓ ଅରବାନ ବିଜୟା ମିଶ୍ରଙ୍କୁ ଜଣାଇଥିଲେ। ପରେ କ୍ଷେତରାଜପୁର ଥାନା ପୋଲିସ ସାହାଯ୍ୟରେ ନାବାଳିକାଙ୍କ ଘରେ ଚଢ଼ାଉ କରାଯାଇଥିଲା । ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କଠାରୁ ନାବାଳିକାଙ୍କ ବୟସ ପ୍ରମାଣ ଦେଖା ଯାଇଥିଲା । ତାଙ୍କୁ ୧୭ ବର୍ଷ ହୋଇଥିବା ଜଣାପଡିବା ପରେ ଉଦ୍ଧାର କରାଯାଇଛି।

### ଭୀମ ଭୋଇ ନଗରରେ ଚୋରି ଲୋକଙ୍କ ଚିନ୍ତା ବଢ଼ାଉଛି

ସମ୍ବଲପୁର, ୧୧।୩ (ବ୍ୟୁରୋ)
ସମ୍ବଲପୁର ସହରର ଅଇଁଠାପାଲି ଥାନା ଅନ୍ତର୍ଗତ ଭୀମ ଭୋଇ ନଗର ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ପ୍ରାୟ ସନ୍ଧ୍ୟା ସମୟରେ ସହରର ଅନ୍ୟ ଅଞ୍ଚଳରୁ ଯୁବକମାନେ ସନ୍ଦେହଜନକ ଭାବେ ବୁଲୁଛନ୍ତି। ଏ ନେଇ ଭୀମ ଭୋଇ ସାହିତ୍ୟ ସଂସଦ କର୍ମକର୍ତ୍ତା ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅଞ୍ଚଳରେ ଭୀମ ଭୋଇ ଶିଶୁ ଉଦ୍ୟାନ ରହିଛି । ତେଣୁ ସନ୍ଧ୍ୟା ସମୟରେ ଅଞ୍ଚଳର ମହିଳାମାନେ ଶିଶୁଙ୍କୁ ନେଇ ପାର୍କ ଆସିଥାନ୍ତି । ସେଥିପାଇଁ ସନ୍ଧ୍ୟା ଓ ରାତିରେ ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

### ଚହଟାପଦାରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ,୧୧।୩(ଡି.ଏନ.ଏ.)
ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଚରଡ଼ପଶି ନିକଟସ୍ଥ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥ ପାର୍ଶ୍ୱରେ ବଡ଼ଚହଟାପଦାଠାରେ ଥିବା ପଞ୍ଚୁ ପାଣ୍ଡବ କ୍ରୀଡ଼ାସ୍ଥଳରେ ଗତ ୯ ତାରିଖଠାରୁ ଚାଲିଥିବା ଅଷ୍ଟପ୍ରହର ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ସୋମବାର ଉଦ୍ୟାପିତ ହୋଇଯାଇଛି। ଶନିବାର ଗ୍ରାମର ଶତାଧିକ ମହିଳା ନିକଟସ୍ଥ ଶିମିଳିପାଳଠାରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ରବିବାର ସକାଳୁ ଯଜ୍ଞରେ ନାମ ଧରାଯାଇଥିଲା। ୨୧ଟି ଦଳ ଯୋଗଦେଇ ନାମ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ ।ଯଜ୍ଞରେ ଶିମିଳିପାଳ ଗ୍ରାମର ଶଙ୍କର୍ଷଣ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ସୋମବାର ସକାଳୁ ନାମଯଜ୍ଞରେ ପୂର୍ଣ୍ଣାହୁତି ପଡ଼ିଥିଲା । ଏଥିରେ କାଉଁଶିପାଳ, ଚରଡ଼ପଶି, ଶିମିଳିପାଳ,ତିଲେଇମାଳ, କାଦୋବାହାଲ, ସିହିଳିଆ ଏବଂ ଶରଧାପୁର ଗ୍ରାମର ଜନସାଧାରଣ ସହଯୋଗ କରିଥିବା ବେଳେ ଚହଟାପଦା ଆଶ୍ରମର ମୁଖ୍ୟ ବାବା ତ୍ରିଲୋଚନ ଦାସ (ଦହିବାବା)ଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

# ସ୍ୱଚ୍ଛ, ଶତ ପ୍ରତିଶତ ମତଦାନ ପାଇଁ ପ୍ରଶାସନର ପ୍ରୟାସ

ସମ୍ବଲପୁର,୧୧।୩ (ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ସ୍ୱଚ୍ଛ ଓ ଶତ ପ୍ରତିଶତ ମତଦାନ ପାଇଁ ପ୍ରୟାସ କରୁଛି । ନିର୍ବଚନ ତାରିଖ ଘୋଷଣା ହେବା ପରେ ସୁରକ୍ଷା ବ୍ୟବସ୍ଥା କଡା କଡି କରି ଦିଆଯାଇଛି। ବିଭିନ୍ନ ସ୍ଥାନରେ ଗାଡି ମୋଟର ଯାଞ୍ଚ କରାଯାଉଛି । ସହର ଭିତରେ ସିସି ଟିଭି ଖଞ୍ଜା ଯାଇଛି ।୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ନେଇ ଯିବା ଆସିବା ଉପରେ ରୋକ ଲଗା ଯାଇଛି । ଟଙ୍କା ନେଇ ଯାଉଥିବା ବ୍ୟକ୍ତି ଯଦି ହିସାବ ଦେଇ ନ ପାରିଲେ ତେବେ ଟଙ୍କା ଜବତ କରାଯିବ । ଭୋଟ ଗ୍ରହଣ ସମୟରେ ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ସ୍ଥାନରେ ସିସି ଟିଭି ଖଞ୍ଜାଯିବ। ଭିଡିଓ ରେକର୍ଡ କରାଯିବ । ସିଧାସଳଖ କଣ୍ଟ୍ରୋଲ ରୁମ୍‌ରେ ଅଧିକାରୀମାନେ ଏ ସବୁ ଦେଖି ନିୟନ୍ତ୍ରଣ କରିବେ । ପ୍ରାର୍ଥୀମାନେ ନିଜର ଆୟ ହିସାବ ଦେବା ସହ ନିର୍ବାଚନରେ କେତେ ଟଙ୍କା ଖର୍ଚ୍ଚ କରିବେ ସେ ଉପରେ କଡା ନିୟମ ରହିଛି । ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ସମ୍ବଲପୁର ଜିଲାରେ



ସୋମବାର ଜିଲାପାଳଙ୍କ ଅଫିସର ସମ୍ମିଳନୀ କକ୍ଷରେ ଖବରଦାତାଙ୍କୁ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ସୂଚନା ଦେଉଛନ୍ତି ।

- ଏପ୍ରିଲ ୧୮ରୁ ଆରମ୍ଭ ହେବ ନାମାଙ୍କନ ପତ୍ର ଦାଖଲ
- ଗାଡିମୋଟର ଯାଞ୍ଚ, ବିଜ୍ଞାପନ ହଟାଗଲା
- ୫୦ ହଜାର ଟଙ୍କାରୁ ଅଧିକ ନେଲେ ଜବତ ହେବ

ମାର୍ଚ୍ଚ ୧୮ ତାରିଖଠାରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୪ ବିଧାନ ସଭା ଆସନ ପାଇଁ ପର୍ଯ୍ୟାୟ କ୍ରମେ ନାମାଙ୍କନ ପତ୍ର ଦାଖଲ ହେବ। ବିଧାନସଭା ଆସନ ପାଇଁ ପାଇଁ ଉପଜିଲାପାଳ ଓ ଲୋକସଭା ଆସନ ପାଇଁ ପାଇଁ ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ ହେବ। ପ୍ରାର୍ଥୀମାନଙ୍କ ସହିତ ୪ ଜଣ ସମର୍ଥକ ବୁଥ୍ ଭିତରକୁ ପ୍ରବେଶ କରିପାରିବେ । ଏପ୍ରିଲ ୨୩ରେ ଭୋଟ ଗ୍ରହଣ ହେବ। ଏହାର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ ୨୧ ତାରିଖରେ ପ୍ରଚାର ବନ୍ଦ ହେବ। ପେଡ ନ୍ୟୁଜ, ଖବର କାଗଜରେ ବିଜ୍ଞାପନ ଉପରେ ନଜର ରଖାଯିବାକୁ ଏକ ଟିମ୍ ଗଠନ କରାଯାଇଛି । ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଅଟୋ ବ୍ୟବସ୍ଥା ରହିଛି। ସେମାନଙ୍କୁ ଘରୁ ମତଦାନ କେନ୍ଦ୍ରକୁ ନେବା ଆଣିବା କରାଯିବ। ସହଯୋଗ କରିବା ପାଇଁ ଜଣେ ସ୍ୱେଚ୍ଛାସେବୀ ରହିବେ ବୋଲି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆ ଯାଇଛି। ଏଥିରେ ଏଡିଏମ ଅଜୟ କୁମାର ଜେନା, ଆଇଏସ ଆଶିଷ ପଟେଲ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜିଲାରେ ମୋଟ ୮ ଲକ୍ଷ ୧୬ ହଜାର ୨୭୪ ଭୋଟର ରହିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ ଝାଙ୍କରପାଲି ଚାମ୍ପିୟନ

ସମ୍ବଲପୁର,୧୧।୩ (ବ୍ୟୁରୋ)

ଯୁଯୁମୁରା ବ୍ଲକ ହାତୀବାରି ପିତାମ୍ବର ବାରିକ ଖେଳ ପଡିଆରେ ସୋମବାର ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଟାଇବ୍ରେକରରେ ଝାଙ୍କରପାଲି ନେହେରୁ କ୍ଲବ କୁରେଟୋଲାକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୋହିତ ପୂଜାରୀ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ହଜାର ଓ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ଅଶୋକ ସାହୁ, ବରୁଣ ନାୟକ, ସୁବୋଧ ସାହୁ, ପେଟୁ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସୁଶାନ୍ତ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ । କୁରେଟୋଲା ଦଳର ସଞ୍ଜିବ ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଓ ରାହୁଲ ଓରାମଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଜିଏମ୍ୟୁ ପକ୍ଷରୁ ଜାତୀୟ ସେମିନାର
  ସ୍ଥାନ- ଅମୃତ ବିହାର ଅଧାପନା ପ୍ରକୋଷ୍ଠ-୧
  ସମୟ- ପୂର୍ବାହ୍ନ ୧୦ଟା।

# କମାଣ୍ଡରକୁ ଧକ୍କାଦେଲା କୋଇଲା ବୋଝେଇ ଟ୍ରକ୍



ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କୀୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ସମ୍ବଲପୁର,୧୧।୩(ବ୍ୟୁରୋ)

**ଜଣେ ମୃତ, ୫ ଆହତ**

ସମ୍ବଲପୁର ସଦର ଥାନା ଝାଙ୍କରପାଲି ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଗୋଟିଏ କମାଣ୍ଡରକୁ ପଛପଟୁ ଧକ୍କା ଦେଇଛି । ଏଥିରେ ମୁରା ଗ୍ରାମର ତପସ୍ୱିନୀ ସାହୁ (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଡ୍ରାଇଭର ଗୋବିନ୍ଦତୋଲାର ଖଲେଶ୍ୱର ବର୍ମାଙ୍କ ସମେତ ଆଉ ୪ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ହାତୀବାରୀ ଗ୍ରାମର ଦୟାଲାଲ ଗଡିଆଳ ( ୬୦), ସବିତା ରଣା ( ୪୭), ମୁଣ୍ଡେର ଗ୍ରାମର ରଶ୍ମିତା ବେହେରା (୪୫) । ଏମାନେ ଗୁରୁତର ଆହତ ହୋଇ ଜିଲା ସଦର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୁଣ୍ଡେର ଗ୍ରାମର ସ୍ୱରୂପା ଭୋଇ (୩୬) ଚିକିତ୍ସା ପରେ ଘରକୁ ଫେରିଛନ୍ତି । ଡ୍ରାଇଭର ଖଲେଶ୍ୱରଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି । ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର ହୋଇଯାଇଛି।

ସୂଚନାଯୋଗ୍ୟ ଯୁଯୁମୁରାରୁ କମାଣ୍ଡର (ନଂ ଓଡି ୧୫ ଡି- ୦୯୭୮) ଯାତ୍ରୀ ନେଇ ମାନେଶ୍ୱର ବଜାରକୁ ଆସୁଥିଲା । ବସିଆପଡାରୁ ତପସ୍ୱିନୀ ଏକ ଶ୍ରାଦ୍ଧ ଭୋଜିରେ ଯୋଗ ଦେଇ ଫେରୁଥିଲେ । ସେହିପରି ଅନ୍ୟ ଯାତ୍ରୀମାନେ ମଧ ବଜାରକୁ ଆସୁଥିଲେ । ଝାଙ୍କରପାଲି କେନାଲ ଛକରେ ଯାତ୍ରୀ ଚଢାଇବା ପାଇଁ କମାମଣ୍ଡର ଅଟକିଥିଲା । ସେହି ସମୟରେ କଟକ ପଟୁ ଦ୍ରୁତ ଗତିରେ ଏକ କୋଇଲା ବୋଝେଇ ଟ୍ରକ୍ ଆସି ପଛପଟୁ ଧକ୍କା ଦେଇଥିବା ପ୍ରତକ୍ଷଦର୍ଶୀ କହିଛନ୍ତି । ତପସ୍ୱିନୀ ରାସ୍ତା ଛିଟିକି ପଡିଥିଲେ ଓ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଆହତମାନଙ୍କୁ ସ୍ଥାନୀୟ ଲୋକେ ସମ୍ବଲପୁର ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ । ସଦର ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ ଟ୍ରକକୁ ଧରି ପାରି ନ ଥିବା ଅଭିଯୋଗ ହେଉଛି ।

## ଘିଚାମୁରା ପଞ୍ଚାୟତରେ ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ରେଙ୍ଗାଲି, ୧୧।୩ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତଠାରେ ରେଙ୍ଗାଲି ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସୋମବାର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱ ଏବଂ ରେଙ୍ଗାଲି ମଣ୍ଡଳ ଭାଜପା ଉପସଭାପତି ସଧୀର ଗୁପ୍ତାଙ୍କ ସଭାପତିତ୍ୱରେ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ବୁଥସ୍ତରରୁ ମଜବୁତ କରି ବିଜୟ କରିବା ପାଇଁ ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ନାଉରୀ ନାଏକ, ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଚା, ସୁବାଷ ପଣ୍ଡା, ବିଶିକେଶନ ପଣ୍ଡା, ବିଜୟ ପ୍ରଧାନ, ଶେଖର ରାଉତ, ମାନସ ସାଲିମା ଏବଂ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୩ (ବ୍ୟୁରୋ)

ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଫାଟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡା. ଜୟଦେବ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ସଂସ୍କାର ପ୍ରକ୍ରିୟା, ଘରର ସଂକଳ୍ପନା ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ସୂଚନା ପ୍ରଦାନ କରିଥିଲେ । ସମ୍ପାଦକ ହେମାଞ୍ଚଳ ମହାପାତ୍ର, ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର, ସଭ୍ୟା ପଙ୍କଜିନୀ ସେନାପତି ଓ ମୀନା କୁମାରୀ ସାହା ଆଲୋଚନାରେ ଭାଗ ନେଇଥିଲେ । ଶିଶୁ ବାଟିକା ପ୍ରମୁଖ ନିଲିମା ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିରୁପମା ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଠିକା କାମକୁ ନେଇ ପୋଡ଼ାଜଳା ଘଟଣା

# ଜେଲ ଗଲେ ୩ ଅଭିଯୁକ୍ତ



ଧନୁପାଲି ଥାନା ଗିରଫ କରିଥିବା ୩ ଜଣ ଅଭିଯୁକ୍ତ ।

ସମ୍ବଲପୁର,୧୧।୩ (ବ୍ୟୁରୋ)

ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ନିର୍ବାହୀ ଯନ୍ତ୍ରୀ ରମେଶଚନ୍ଦ୍ର ରଥଙ୍କ ସରକାରୀ ବାସଭବନ ସମ୍ମୁଖରେ ରବିବାର ଗଣ୍ଡଗୋଳ ଓ ମାଡପିଟ ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡିଛି। ଏମାନେ ହେଲେ ଅଙ୍କିତ ସିଂ, ଶ୍ୟାମଲାଲ ଜାଲ ଓ ବିଭାଗୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଶି ଭୂଷଣ ମିଶ୍ର । ସୋମବାର ଧନୁପାଲି ଥାନା ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ମିଳି ନ ଥିଲା। ପୋଲିସ ଅଙ୍କିତଙ୍କଠାରୁ ଏକ ମାଉଜର ଜବତ କରିଛି । ସୂଚନାଯୋଗ୍ୟ ଯେ, ଠିକା କାମକୁ ନେଇ ଏହି ଘଟଣା ଘଟିଥିଲା । ଟାଉନଥାନା ଝାଡୁଆପଡାର କିଶୋର ଷଡଙ୍ଗୀ ନାମକ ଜଣେ ଠିକାଦାରଙ୍କ ସ୍କୁଟି ପୋଡି ପାଉଁଶ ହୋଇଯାଇଥିଲା। ତାଙ୍କ ସ୍କୁଟି ଡିକିରେ ଥିବା ୩ ଲକ୍ଷ ଟଙ୍କା ପୋଡି ଯାଇଥିବା ସେ ଅଭିଯୋଗ କରିଥିଲେ।

# ଭିସୁଟ୍‌ରେ ବସନ୍ତ ଉତ୍ସବ

ବୁର୍ଲା,୧୧।୩ (ଡି.ଏନ.ଏ.)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ୩ ଦିନ ଧରି ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କୌତୁକ ପ୍ରତିଯୋଗିତା, ବ୍ୟଙ୍ଗ ପ୍ରତିଯୋଗିତା, ଫେସ୍ ପେଣ୍ଟିଂ ପ୍ରତିଯୋଗିତା ଆଦି ପ୍ରଦର୍ଶନ ହୋଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ ଗାୟକ ଷ୍ଟେବିନ୍ ବେନ୍‌ଙ୍କ ସଙ୍ଗୀତ ବେଶ ମନଛୁଆଁ ହୋଇଥିଲା । ପ୍ରଥମ ଦିବସରେ ଜିତେନ୍ଦ୍ର ହରିପାଲଙ୍କ ରଙ୍ଗବତୀ ଗୀତ ଓ ଅମନ ଦୀପଙ୍କ ହାସ୍ୟ ଅଭିନୟ ବେଶ ଆକର୍ଷଣୀୟ ଥିଲା। ଦ୍ୱିତୀୟ ଦିବସରେ ହାସ୍ୟ କଳାକାର ପରବିନ୍ଦର ସିଂ ଓ ଡିଜେ ରବିଶଙ୍କ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ଥିଲା।

# ରେଙ୍ଗାଲିରେ ଭାଜପାର ମିଶ୍ରଣ ପର୍ବ

ରେଙ୍ଗାଲି, ୧୧।୩ (ଡି.ଏନ.ଏ.)

ରଙ୍ଗାଲି ତହସିଲ ଛକଠାରେ ରେଙ୍ଗାଲି ମଣ୍ଡଳ ଯୁବ ମୋର୍ଚ୍ଚା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସୋମବାର ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଉତ୍ତମ ବିଶ୍ୱାଳଙ୍କ ସଂଯୋଜନାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ରେଙ୍ଗାଲି ଏବଂ ନିଶାନଭଙ୍ଗା ପଞ୍ଚାୟତର ଯୁବକମାନେ ଭାଜପାର ନୀତି, ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ଅତିଥି ଭାବରେ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ବଲପୁର ଜିଲା ପ୍ରଭାରୀ ହରିହର ମହାନନ୍ଦ, ଜିଲା ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା, ଜିଲା ଉପସଭାପତି ପ୍ରଶାନ୍ତ ପଣ୍ଡା, ରେଙ୍ଗାଲି ମଣ୍ଡଳ ସଭାପତି ଜ୍ୟୋତିର୍ମୟ ସାହୁ, ବରିଷ୍ଠ ଭାଜପା ନେତା ଡ. ଅର୍ଜୁନ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ରେଙ୍ଗାଲି ମଣ୍ଡଳ ସାଧାରଣ ସମ୍ପାଦକ ସମୀରକାନ୍ତ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମିଶ୍ରଣ ପର୍ବରେ ସନ୍ତୋଷ ସାହୁଙ୍କ ନେତୃତ୍ୱରେ ସୁମନ୍ତ ପୃଷ୍ଟି, ସୁମନ୍ତ ସାହୁ, ସୁନୀଲ ବିଶ୍ୱାଳ, ସୋମନାଥ ସାହୁ, ମୋତିଲାଲ ଭୋଇ, ଶିବା ମୁଣ୍ଡା, ସୁଜିତ ମୁଣ୍ଡା, ନବୀନ ଓରାମଙ୍କ ସହ ବହୁ ଯୁବକ ଭାଜପାରେ ଯୋଗ ଦେଇଥିଲେ ।

## ଫଟୋରେ ଖବର






ଧନକଉଡା ବ୍ଲକ୍ ଅଫିସରେ ଭିଭିପିଏଟି ଓ ଇଭିଏମ୍ ବ୍ୟବହାର ସମ୍ପର୍କରେ ଜନ ପ୍ରତିନିଧିମାନଙ୍କୁ ସଚେତନ କରାଯାଉଛି (ବାମ)। ସୋମବାର ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାମାନେ ସେମାନଙ୍କ ସମସ୍ୟା ଜଣାଇବା ପାଇଁ ଜିଲାପାଳଙ୍କୁ ଅପେକ୍ଷା କରିଛନ୍ତି ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୩ ନଳକୂଅ ଅଚଳ, ପାଣି ପାଇଁ ହନ୍ତସନ୍ତ

**ଜହ୍ନାପଙ୍କ, ୧୧।୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣନଗର ବ୍ୟାଙ୍କ ପାଖ, ସାପ୍ତାହିକ ବଜାର ଓ କୋଡାସାହିଠାରେ ଥିବା ୩ଟି ନଳକୂଅ ମାସେରୁ ଊର୍ଦ୍ଧ୍ୱ ହେଲା ଅଚଳ ହୋଇଥିଲେ ମଧ ଏହାର ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ଶହେ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମଧ ସବୁ ଗଳିକୁ ଠିକ ଭାବେ ସପ୍ଲାଏ ପାଣି ଯାଉ ନ ଥିବାରୁ ବହୁ ପରିବାର ପାନୀୟ ଜଳ ପାଇପାରୁ ନାହାନ୍ତି । ସ୍ୱଜଳଧାରା କମିଟି ଗଠନ କରାଯାଇଥିଲେ ମଧ ଠିକ ଭାବେ ପରିଚାଳନା ହେଉ ନ ଥିବା ଅଭିଯୋଗ ହେଉଛି ।

### ଖୋଲାଗଲା ବ୍ୟାନର ପୋଷ୍ଟର

**ଭେଡ଼େନ, ୧୧।୩(ଡ଼ି.ଏନ.ଏ):** ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଫଳରେ ସର୍ବସାଧାରଣ ସ୍ଥାନରେ ଥିବା ରାଜନୈତିକ ନେତୃବୃନ୍ଦଙ୍କ ଫଟୋ ଥିବା ବିଭିନ୍ନ ବ୍ୟାନର ପୋଷ୍ଟର ହୋର୍ଡିଂ ସବୁକୁ ପ୍ରଶାସନ ପକ୍ଷରୁ ହଟାଇ ଯାଇଛି। ସୋମବାର ପୂର୍ବାହ୍ନରେ ଭେଡ଼େନ ବ୍ଲକର ଅଧିକାରୀମାନେ ବିଭିନ୍ନ ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ଲାଗିଥିବା ହୋର୍ଡିଂ ସବୁକୁ ଖୋଲିଥିଲେ ।

### ସୁନା ଗହଣା ଲୁଟ୍

**ବରଗଡ଼ ଅଫିସ, ୧୧।୩:** ବରଗଡ଼ ସହରରେ ଲୁଟେରାମାନେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି । ରବିବାର ଦିନ ଦ୍ୱିପ୍ରହରରେ ସହର ମଧ୍ୟରେ ଲୁଟେରାମାନେ ଅଭିନବ ଉପାୟରେ ସ୍ଥାନୀୟ ଅଶୋକ ଦେହଲନଙ୍କ ସ୍ତ୍ରୀ ମନକଦେବୀଙ୍କଠାରୁ ପ୍ରାୟ ୯୦ଗ୍ରାମର ସୁନା ଗହଣା ଲୁଟି ନେଇଛନ୍ତି । ମନକଦେବୀ ନିଜ ଦୋକାନରୁ ଘରକୁ ଫେରୁଥିଲେ । ଏହି ସମୟରେ ଲୁଟେରାମାନେ ବାଇକ୍ ଯୋଗେ ତାଙ୍କୁ ପିଛା କରିଥିଲେ ଏବଂ ନିଜକୁ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇ ବାଟରେ ତାଙ୍କୁ ଅଟକାଇଥିଲେ । ସେ ପିନ୍ଧିଥିବା ଚୂଡ଼ି ଓ ହାର ଯାଞ୍ଚ କରିବେ କହି ତାଙ୍କୁ ମାଗିଥିଲେ ଏବଂ ଚତୁରତାର ସହିତ ତାକୁ ନେଇ ଫେରାର୍ ହୋଇ ଯାଇଥିଲେ । ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏହାର ଅଧିକ ତଦନ୍ତ କରୁଛି ।

### ବିଜେଡ଼ି ଆଇଟି ୱିଙ୍ଗ ସଂଯୋଜକ ମନୋନୀତ

**ବରଗଡ଼ ଅଫିସ, ୧୧।୩:** ବରଗଡ଼ ଜିଲା ବିଜେଡ଼ି ସୋସିଆଲ ମିଡ଼ିଆ ଆଇଟି ୱିଙ୍ଗ ସଂଯୋଜକ ଭାବେ ଅନୀଲ କୁମାର ଦଲାଇଙ୍କୁ ମନୋନିତ କରାଯାଇଛି। ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୩ ନିବାସୀ ଅନୀଲ ପୂର୍ବତନ ପୌରାଧ୍ୟକ୍ଷା ଜମ୍ବୋବତୀ ଦଲେଇଙ୍କ ପୁଅ। ଏହି ପଦବୀରେ ମନୋନୀତ ହେବା ପରେ ଅନୀଲ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ ମଣ୍ଡି ବନ୍ଦ ଯୋଗୁ ଧାନ ବିକ୍ରି ହୋଇପାରୁନି

# ଚାଷୀ କଲେ ରାଜପଥ ଅବରୋଧ

**ଜହ୍ନାପଙ୍କ, ୧୧।୩(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ସେବା ସମବାୟ ସମିତିରେ ଫେବୃଆରୀ ୧୯ତାରିଖରୁ ଧାନ ମଣ୍ଡିଗୁଡିକୁ ବନ୍ଦ କରିଦିଆଯାଇଛି । ଫଳରେ ଏହି ଅଞ୍ଚଳର ଚାଷୀମାନେ ସେମାନଙ୍କ ଅମଳ ଧାନ ବିକ୍ରି କରିପାରିନାହାନ୍ତି । ଅନ୍ୟପକ୍ଷେ ବ୍ୟବସାୟୀମାନେ ସକ୍ରିୟ ହୋଇପଡିଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ଚାଷୀମାନେ ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥର ତେଲିବନ୍ଧଠାରେ ଧାନବସ୍ତା ରଖି ସୋମବାର ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ଘଟଣାସ୍ଥଳରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ କହିବାରୁ ରାସ୍ତାରୋକୋ ହଟିଥିଲା। ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ଉପସ୍ଥିତିରେ ଆଲୋଚନା ପରେ ଚାଷୀମାନଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ଦାବିକୁ ଜିଲାପାଳଙ୍କୁ ଅବଗତ କରାଇ ଏହାର ବିହିତ ପଦକ୍ଷେପ ନେବାକୁ ଯୋଗାଣ ଅଧିକାରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାରୋକରେ କୃଷକନେତା ଭୋଳାଗିରି ସାହୁ, ବିଶିକେଶନ ପ୍ରଧାନ, ସନ୍ତୋଷ ମେହେର, ରବୀନ୍ଦ୍ର ମେହର, ତ୍ରିପୁରାରୀ ମହାକୁଡ, ସହଦେବ ବେଜୀ, ନିତ୍ୟାନନ୍ଦ ସାହୁ, ନିର୍ମଳ କୁମାର ସାହୁ, ଗୁପ୍ତେଶ୍ୱର ମେହେର, ସୁରେଶ ନାଏକ, ମୋହନ ସାହୁ, ନଳିନୀ କର୍ଣ୍ଣ, ନିତ୍ୟାନନ୍ଦ କର୍ଣ୍ଣ, ସ୍ୱାଧୀନ ବାରିକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ । ଆଗାମୀ ୫ଦିନ ମଧ୍ୟରେ ଯଦି ଏହାର ସମାଧାନ କରା ନ ଯାଏ ତେବେ ପୁଣି ରାସ୍ତାରୋକୋ ସହିତ ଭୋଟ ବର୍ଜନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଦ୍ୱାରିକାନାଥ ସେଠି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।



ଚାଷୀମାନେ ଧାନବସ୍ତା ରଖି ରାଜପଥ ଅବରୋଧ କରିଛନ୍ତି ।

# ଫି ବୃଦ୍ଧିର ପ୍ରତିବାଦ କଲେ ଅଭିଭାବକ

**ବରଗଡ଼ ଅଫିସ, ୧୧।୩**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ବେଥାନୀ କନଭେଣ୍ଟ ସ୍କୁଲରେ ଆଶାତୀତ ଫି ବୃଦ୍ଧିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଅଭିଭାବକମାନେ ସ୍କୁଲ ଆଗରେ ଏକାଠି ହୋଇ ପ୍ରତିବାଦ କରିଥିଲେ । ସେମାନେ ଅଭିଯୋଗ କରିଛନ୍ତି, ଉକ୍ତ ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି ଫି ବୃଦ୍ଧି କରୁଛନ୍ତି । ଅନ୍ୟପଟେ ଫି ନ ଦେଲେ ପରୀକ୍ଷାରୁ ବଞ୍ଚିତ କରାଯିବ ବୋଲି ମଧ୍ୟ ଛାତ୍ରୀଛାତ୍ରଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ତେବେ ପ୍ୟାରେଣ୍ଟ୍ସ ମିଟିଂ ପାଇଁ ଅଭିଭାବକମାନେ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ତାକୁ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଫଳରେ ପ୍ରତି ୩ମାସରେ ପ୍ୟାରେଣ୍ଟ୍ସ ମିଟିଂ, ଅତିରିକ୍ତ ଫି ଅସୁଲି ବନ୍ଦ, ସରକାରଙ୍କ ନୀତି ନିୟମ ଅନୁସାରେ ଫି ସଂଗ୍ରହ, ଶିକ୍ଷା ଅଧିକାର ଆଇନକୁ ପାଳନ, ଅଭିଭାବକଙ୍କୁ ନେଇ ଶିକ୍ଷା କମିଟି ଗଠନ, ଶିକ୍ଷାଦାନ ପାଇଁ ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେମାନେ କହିଛନ୍ତି ।



ଅଭିଭାବକମାନେ ଫି ବୃଦ୍ଧିର ପ୍ରତିବାଦ କରୁଛନ୍ତି ।

# ଜିଲାପାଳଙ୍କୁ ଫେରାଦ ହେଲେ ବିସ୍ଥାପିତ

**ବରଗଡ଼ ଅଫିସ, ୧୧।୩**

ଡେବ୍ରିଗଡ଼ ଅଭୟାରଣ୍ୟର ଝଗଡ଼ାବେହେରା ଏବଂ ଡେବ୍ରିଗଡ଼ରୁ ବିସ୍ଥାପିତ ହୋଇଥିବା ପରିବାର ଲୋକେ ସୋମବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଛନ୍ତି । ସେମାନଙ୍କ ଅବିବାହିତ ଝିଅଙ୍କୁ ସହାୟତା ରାଶି ପ୍ରଦାନ ସମେତ ୪ ଡେସିମିଲ ଜମି ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। ଦୀର୍ଘଦିନ ହେଲା, ଝଗଡ଼ାବେହେରାର ୬୬ ଏବଂ ଡେବ୍ରିଗଡ଼ର ୭ ପରିବାର ବିସ୍ଥାପିତ ହୋଇଥିଲେ। ସେତେବେଳେ ଗ୍ରାମସଭାରେ ବିସ୍ଥାପିତ ପରିବାର ଲୋକଙ୍କୁ ୪ଡେସିମିଲ ଜମି ଏବଂ ଗୃହ ନିର୍ମାଣ ଯୋଜନାରେ ଘର ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ସେହିପରି ପୁରୁଷ ଲୋକଙ୍କୁ ବିସ୍ଥାପନ ସହାୟତା ରାଶି ମିଳିଥିବାବେଳେ ଅବିବାହିତ ଯୁବତୀଙ୍କୁ କିଛି ସହାୟତା ମିଳି ନ ଥିଲା । ଫଳରେ ଏ ନେଇ ସେମାନେ ବାରମ୍ବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ୧୮ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ଯୁବତୀଙ୍କୁ ବିସ୍ଥାପନ ସହାୟତା ରାଶି ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଦେବଦତ୍ତ ବିଶ୍ୱାଳ ତାଙ୍କ ପତ୍ରସଂଖ୍ୟା-୨୭୦୧୯ ତା-୧୭/୧୨/୧୮ରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଦେବାର ଦୁଇମାସ ପରେ ମଧ୍ୟ ବିସ୍ଥାପିତ ଅବିବାହିତ ଯୁବତୀଙ୍କ ପାଖକୁ କିଛି ସହାୟତା ମିଳି ପାରି ନ ଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିସ୍ଥାପିତ ପରିବାର ଲୋକେ ଖଜୁରିଆ, ରାଉତପଡ଼ା, ଟାଙ୍ଗରପାଲି, ଚକବାହାଲ, ଲେଲେହେର, ଅମ୍ବାଭୋନା, ମାଛିମୋରା, ବଡ଼ମାଳ ଆଦି ଗ୍ରାମରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ଅବିବାହିତ ଝିଅଙ୍କୁ ସହାୟତା ସମେତ ୪ଡ଼େସିମିଲ ଘରଡ଼ିହ ଏବଂ ଗୃହ ନିର୍ମାଣ ଯୋଜନାରେ ଘର ପ୍ରଦାନ କଲେ ସେମାନେ ଉପକୃତ ହେବେ ବୋଲି କହିଛନ୍ତି। ଝଗଡ଼ାବେହେରାରୁ ବିସ୍ଥାପିତ ହୋଇଥିବା କାହ୍ନୁ ପ୍ରଧଶନ, ଗୋସେଇ ଭଏଁସା, ମର୍ଗୁ ଭଏଁସା, ରମେଶ ମାଝି, କିଶୋର ଭଏଁସା, ଡେବ୍ରିଗଡ଼ରୁ ବିସ୍ଥାପିତ ସୁରେନ୍ଦ୍ର ଭୁଏ ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିସ୍ଥାପିତ ପରିବାର ଲୋକେ ।

■ ଆବାସ ଯୋଜନା ବାଟବନା

# ଭଂଗା ଦଦ୍‌ରା ଘରେ ବିତୁଛେ ଜୀବନ

**ଜାମଟିକ୍ରା, ୧୧।୩ (ଡି.ଏନ.ଏ):**

ଗରିବ୍ ଦୁଖିକର ଲାଗି କେନ୍ଦ୍ର ଆର ରାଏଜ୍ ସରକାର ଅନେକ ପରକାର ଆବାସ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ୍ ଜାଗାରେ ଅଧିକାରୀମାନକର ଖାମଖିଆଲି ମନଭାବ ଆର ଥାନୀୟ ନେତାକର ଆଁତରିକତା ଅଭାବ ଲାଗି ବହୁତ ଗରିବ୍ ଦୁଖି ଇ ମହତ୍ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ସେନ୍‌ତା ଅନେକ ଜାଗାରେ ହିତାଧିକାରୀ ଲାଁଚ୍‌ଖୁଁଚ୍ ଦେଇ ନାଇଁପାରବାର ଲାଗି ଯୋଜନାରୁ ବାଦ୍ ପଡୁଛନ୍। ସବୁ ଦିଗୁ ଝନେ ଘର ପାଏବାର ଲାଗି ହକ୍‌ଦାର ଥିଲେ ବି ଯୋଜନାରୁ ବାଦ୍ ବଡୁଥିବାର ଅନେକ ଜାଗାରେ ଦେଖିବାକେ ମିଳୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍‌ର କୁଲୁଣ୍ଡା ଆନ୍ଧ୍ରପଡ଼ାରେ। ଇ ପଡ଼ାର ବାସୀନଦା ହେଉଛନ୍ ଚପରାଶି ପୋଢ଼। ତାକର ପରିବାର କହେଲେ ମାଏକିନା ଭୁରି ପୋଢ଼ ଆର ଦୁଇଟା ପୁଓକେ ନେଇ ସୁଖର ସଁସାର। ହେଲେ ପରିବାରଟା ନିହାତି ଗରିବ ହେଇଥିଲାବେଲେ ଦୁଇ ବୁଢ଼ାବୁଢ଼ି ପୁଓକର ଉପରେ ନିରଭର କରି ଚଲୁଛନ୍। ଦୁଇ ପୁଓ କୁଲି ମଜୁରି କରି ଜାହା ଆନୁଛନ୍ ସେଥିରେ ପରିବାର ଚଲୁଛେ। ଏନ୍‌ତା ଅଭାବ ଅନାଟନଥି ଘର ଖଁଡ଼େ ତିଆରିବାର ପରବାର ଲାଗି ସପନ ହେଇଛେ। ଇଆଡ଼େ ଭୁରି ପୋଢ଼କଁର ବଏସ୍ ୭୦ ଟପିଥିଲେ ବି ଆଏଜ୍‌ତକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ ହେଇ ରହିଛନ୍। ସେନ୍‌ତା ପରିବାରର ନାଁ ଏସ୍‌ଇସିସି ତାଲିକାରେ ଥିଲେ ବି ଆଏଜ୍‌ତକ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଁଡ଼େ ନୁହେମିଲେ। ତାକର ପୁରନାକାଳିଆ ଘରଟା ଭାଂଗିରୁଜି ଯାଇଥିଲେ ବି ଅଭାବ ଅନାଟନ ଲାଗି ମରାମତି କରି ନାଇଁପାରବାର। ଏନ୍‌ତାଥି ସରକାରୀ ଯୋଜନାରେ ଘରଖଁଡ଼େ ଲାଗି ବାରବାର ପରଶାସନକେ ଗୁହାରି କରି ନିରାଶ ହେଇଥିବାର କହିଛନ୍ ଚପରାଶି ପୋଢ଼। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଲାରୁ ଘଟଣାର ତଦଁତ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ନିଜର ଦଦ୍‌ରା ଘରଆଘେ ଚପରାଶି ଆର ତାକର ମାଏକିନା ଭୁରି ପୋଢ଼।

# ଶିଶୁ ସାହିତ୍ୟିକଙ୍କ ପରଲୋକ, ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି



ଶିଶୁ ସାହିତ୍ୟିକଙ୍କ ପରଲୋକରେ ରାଣାପ୍ରତାପ ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭା ।

**ବରଗଡ଼ ଅଫିସ, ୧୧।୩**

ବରଗଡ଼ର ଶିଶୁ ସାହିତ୍ୟିକ ହରେକୃଷ୍ଣ ଦାଶଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୯୦ବର୍ଷ ହୋଇଥିଲା । ତାଙ୍କ ସମ୍ପାଦନାରେ ଶିଶୁ ସାହିତ୍ୟ ପତ୍ରିକା ଶିଶୁରେଖା ଦୀର୍ଘଦିନ ଧରି ପ୍ରକାଶ ପାଇ ଆସୁଥିଲା । ସ୍ୱର୍ଗତ ଦାଶ ତାଙ୍କ ଶିଶୁ ସାହିତ୍ୟ ପାଇଁ ଅନେକ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ । କଟକ ଜିଲା ବାଙ୍କି ନିକଟ ସୁବର୍ଣ୍ଣପୁରର ମୂଳ ବାସିନ୍ଦା ସ୍ୱର୍ଗତ ଦାଶ ରାଜ୍ୟର ବିଭିନ୍ନ ଜିଲାର ସମବାୟ ବିଭାଗରେ ମଧ୍ୟ କାମ କରିଥିଲେ। ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି । ତାଙ୍କ ପରଲୋକରେ ବରଗଡ଼ ଲୋକସଭା ଏମ୍‌ପି ଡଃ ପ୍ରଭାସ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ଗଭୀର ଶୋକପ୍ରକାଶ କରିଛନ୍ତି। ସେହିପରି ବରଗଡ଼ ରାଣାପ୍ରତାପ ହାଇସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଶିଶୁ ସାହିତ୍ୟିକ ପ୍ରଦୀପ୍ତଭାନୁ ମହାନ୍ତି, ଶିଶୁ ସାହିତ୍ୟ ସଂସଦର ଛାତ୍ରୀ ରେଣୁକା ଭୋଇ, ସୌମ୍ୟା ରଥ, ଦେବାନନ୍ଦ ସର୍ଭଙ୍ଗ, ଗଗନ ମେହେର ପ୍ରମୁଖ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବରଗଡ଼ ଜିଲା: ଏଥର ଅଧିକ ୩୪ ଭୋଟ୍ କେନ୍ଦ୍ର

**ବରଗଡ଼ ଅଫିସ, ୧୧।୩**

- ■ ଆଗରୁ ଥିଲା ୧୩୪୪ ବୁଥ୍, ଏଥର ୧୩୭୮କୁ ବୃଦ୍ଧି
- ■ ୧୨୨ ସମ୍ବେଦନଶୀଳ, ୯୫ ଅଧିକ ସମ୍ବେଦନଶୀଳ
- ■ ନିର୍ବାଚନରେ ୧୨ହଜାର ୨୮୬ କର୍ମଚାରୀଙ୍କୁ ନିୟୋଜିତ

ଆଉ ମାସକ ପରେ ସାଧାରଣ ନିର୍ବାଚନ। ଏଥିପାଇଁ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ରବିବାର ନିର୍ବାଚନ ତାରିଖ ଘୋଷଣା ହେବା ପରେ ଉଭୟ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଦେଖାଦେଇଛି । ରାଜନୈତିକ ଦଳ ଗୁଡ଼ିକ ନିର୍ବାଚନୀ ରଣକ୍ଷେତ୍ର ସଜାଡୁ ଥିବାବେଳେ ପ୍ରଶାସନିକ ଅଧିକାରୀମାନେ ନିର୍ବାଚନକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ସଜବାଜ ହେଉଛନ୍ତି । ସୋମବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ ।

ବରଗଡ଼ ଜିଲାରେ ସମୁଦାୟ ୧୧ଲକ୍ଷ ୨୯ହଜାର ୩୨୬ ଭୋଟର ଅଛନ୍ତି। ସେଥିମଧ୍ୟରୁ ୫ଲକ୍ଷ ୮୩ହଜାର ୬୦୯ ପୁରୁଷ, ୫ଲକ୍ଷ ୪୫ହଜାର ୬୬୩ ମହିଳା ଏବଂ ୫୪ଜଣ ଅନ୍ୟ ବର୍ଗର ଭୋଟର ଅଛନ୍ତି । ଇତିମଧ୍ୟରେ ୧୮ରୁ ୧୯ବର୍ଷ ବୟସର ୧୧,୪୭୦ଜଣ ନୂଆ ଭୋଟରଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମ ଗ୍ରହଣ କରାଯାଇଛି । ଖବରଦାତା ସମ୍ମିଳନୀରେ ଜିଲାପାଳ ତ୍ରିପାଠୀ ଆହୁରି ସୂଚନା ଦେଇଥିଲେ, ବିଗତ ସାଧାରଣ ନିର୍ବାଚନ ତୁଳନାରେ ଏଥର ଜିଲାରେ ୩୪ଟି ମତଦାନ କେନ୍ଦ୍ର (ବୁଥ୍) ବୃଦ୍ଧି ପାଇଛି। ବିଗତ ବର୍ଷରେ ଜିଲାରେ ୧୩୪୪ଟି ମତଦାନ ରହିଥିଲା । ଏଥର ତାହା ୧୩୭୮କୁ ବଢ଼ିଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୯୮ଟି ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ କରାଯାଉଥିଲା । ଏଥର ଏହି ନିର୍ବାଚନ ମଣ୍ଡଳୀରେ ୨୧ଟି ମତଦାନ କେନ୍ଦ୍ର ବୃଦ୍ଧି ପାଇ ୩୧୯ରେ ପହଞ୍ଚିଛି । ସେହିପରି ବିଜେପୁର ନିର୍ବାଚନ ମଣ୍ଡଳୀର ମତଦାନ କେନ୍ଦ୍ର ସଂଖ୍ୟା ୨୭୦ରୁ ୨୮୫କୁ ବୃଦ୍ଧିପାଇ ଥିବାବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ଏହା ୨୩୩ରୁ ୨୩୧କୁ ହ୍ରାସ ପାଇଛି। ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀରେ ମତଦାନ କେନ୍ଦ୍ର ସଂଖ୍ୟା ୨୫୬ରୁ ୨୫୨କୁ ହ୍ରାସ ପାଇଥିବା ବେଳେ ଭଟଲି ନିର୍ବାଚନ ମଣ୍ଡଳୀରେ ୨୮୭ରୁ ୨୯୧କୁ ବୃଦ୍ଧି ପାଇଛି। ଜିଲାର ସମୁଦାୟ ମତଦାନ କେନ୍ଦ୍ର ମଧ୍ୟରୁ ୧୨୨ଟି ସମ୍ବେଦନଶୀଳ ଏବଂ ୯୫ଟି ମତଦାନ କେନ୍ଦ୍ରକୁ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୨୩, ବିଜେପୁର ୬, ବରଗଡ଼ ୩୧, ଅତାବିରା ୨୪ ଏବଂ ଭଟଲି ନିର୍ବାଚନ ମଣ୍ଡଳୀରେ ୪୪ଟି ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ଅନ୍ୟପଟେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୬୫, ବିଜେପୁର ୫, ଅତାବିରା ୪, ଭଟଲିରେ ୧୫ଟି ମତଦାନ ଅଧିକ ସମ୍ବେଦନଶୀଳ ବୋଲି ଚିହ୍ନଟ ହୋଇଥିବାବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ଏହି ଶ୍ରେଣୀର ମତଦାନ କେନ୍ଦ୍ର ଚିହ୍ନଟ ହୋଇନାହିଁ । ଏଭଳି ସମ୍ବେଦନଶୀଳ ଓ ଅଧିକ ସମ୍ବେଦନଶୀଳ ମତଦାନ କେନ୍ଦ୍ର ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିବା ସୂଚନା ଦିଆଯାଇଛି । ଏଥିପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ବ୍ୟବସ୍ଥା ରହିଥିବାବେଳେ ୧୪୭ଟି ମତଦାନ କେନ୍ଦ୍ରରେ ୱେବ କାଷ୍ଟିଂ, ୭୩ଟି କେନ୍ଦ୍ରରେ ସିସିଟିଭି, ୬୪ଟି କେନ୍ଦ୍ରରେ ମାଇକ୍ରୋ ଅବଜର୍ଭର, ୨୩ଟି କେନ୍ଦ୍ରରେ ଭିଡ଼ିଓଗ୍ରାଫି ଏବଂ ୧୨ଟି କେନ୍ଦ୍ରରେ ଷ୍ଟିଲ କ୍ୟାମେରା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ । ସେହିପରି ଏସ୍‌ପି ମୁକେଶ କୁମାର ଭାମୁ ମଧ୍ୟ ନିର୍ବାଚନ ପାଇଁ ନିଆଯାଇଥିବା ପୋଲିସ ବ୍ୟବସ୍ଥା ଉପରେ କହିଥିଲେ। ସାଧାରଣ ନିର୍ବାଚନରେ ଜିଲାରେ ସମୁଦାୟ ୧୨ହଜାର ୨୮୬ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ମୋଟ୍ ୧୪୯୩ଟି ଚାରି ଚକିଆ, ଛଅ ଚକିଆ ଗାଡ଼ି କର୍ମଚାରୀଙ୍କ ପରିବହନ ଓ ଅନ୍ୟ କାର୍ଯ୍ୟରେ ଲାଗିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପି ଓ ଅନ୍ୟମାନେ ।

### ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ ଭୋଟ୍

ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ହେବ । ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୮ତାରିଖରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ଆସନ୍ତା ମାର୍ଚ୍ଚ ୧୯ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଗ୍ରହଣ କରାଯିବ । ମାର୍ଚ୍ଚ ୨୭ରେ ନାମାଙ୍କନ ଯାଞ୍ଚ, ୩୦ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରାଯିବ । ସେହିପରି ମେ ୨୩ତାରିଖରେ ଭୋଟ୍ ଗଣତି ହେବ । ଏଥର ପଦ୍ମପୁର ଆରଏମସି ଗୋଦାମ ଏବଂ ବରଗଡ଼ ପଞ୍ଚାୟତ କଲେଜରେ ଭୋଟ୍ ଗଣତି କରାଯିବା ବ୍ୟବସ୍ଥା ହୋଇଥିବା ଜିଲାପାଳ ସୂଚନା ଦେଇଥିଲେ ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ, ଭାଗବତ ପାରାୟଣ

**ଖପ୍ରାଖୋଲ, ୧୧।୩ (ଡି.ଏନ.ଏ.)**- ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗାଁ ନିକଟ ଘସିଏନ ଦେବୀ ପୀଠଠାରେ ବିଶ୍ୱଶାନ୍ତି ମହାଯଜ୍ଞ ସହ ଭାଗବତ ପରାୟଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଥମେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ନଦୀରୁ ଜଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପବିତ୍ର ବେଦ ମନ୍ତ୍ର ସହ ସପ୍ତାହବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ, ୨୪ପ୍ରହର ନାମ ସଂକୀର୍ତ୍ତନ, ଅଲେଖ ମହିମା ମହାଯଜ୍ଞ, ଭାଗବତ ପାରାୟଣ ସହିତ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଆୟୋଜନ କମିଟି ସଭାପତି ବିନୋଦ ପ୍ରଧାନ, ସମ୍ପାଦକ କରମସିଂ ଛତର, ମୁଖ୍ୟ ଉପଦେଷ୍ଟା ଜୟଚନ୍ଦ୍ର ପଧାନ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବିଶ୍ୱଶାନ୍ତି ମହାଯଜ୍ଞର କର୍ତ୍ତାଭାବେ ବୈଚନ୍ଦ୍ର ନାଏକ, ୨୪ ପ୍ରହର ନାମଯଜ୍ଞ କର୍ତ୍ତା ପରେଶ ଚନ୍ଦ୍ର ପଧାନ, ଭାଗବତ ପାରାୟଣର କର୍ତ୍ତା ଦୀନବନ୍ଧୁ ବରିହା, ମହିମା ଅଲେଖ ମହାଯଜ୍ଞ କର୍ତ୍ତା ଚୈତନ୍ୟ କପାଟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି ଭାଗବତ ପ୍ରବଚନ ପାଇଁ ସାଧୁ ପରକ୍ଷିତ ଦାସ ମହାରାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମନୋରଞ୍ଜନ ପାଇଁ ସଂଚାର ପ୍ରତ୍ୟହ ପରିବେଷଣ ହେବାକୁ ଥିବା ବେଳେ ମୀନାବଜାର, ବିଭିନ୍ନ ପ୍ରକାର ଦୋଳି ଲୋକଙ୍କୁ ଆକୃଷ୍ଟ କରୁଛି । ଆଗାମୀ ୧୭ତାରିଖ ଯାଏଁ ଏହି ଉତ୍ସବ ହେବାକୁ ଥିବା ଜଣାଯାଇଛି। ଏହି ଉତ୍ସବରେ କନଗାଁ, ବଲିଆଭଟା, କେରବେଡା, ପୁଟିସବାହାଲ, କୁଆବାଉଁଶ, ଅଏଁଲାପାଲି , କୁସୁମକାନି ପ୍ରଭୃତି ଗାଁର ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଛି ।

### ହରିହର ନନ୍ଦଙ୍କ ବିୟୋଗରେ ଶୋକସଭା

**ଟିକ୍ରାପଡା, ୧୧।୩ (ଡି.ଏନ.ଏ.)**- ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟିକ୍ରାପଡା ଶାଖା ଆନୁକୂଲ୍ୟରେ ଆରଏସଏସ ପ୍ରଚାରକ ତଥା ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପର ପ୍ରତିଷ୍ଠାତା ସମ୍ପାଦକ ହରିହର ନନ୍ଦଙ୍କ ବିୟୋଗରେ ସୋମବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ଇନ୍ଦ୍ରମଣି ବନଛୋର ସଭା ସଂଯୋଜନା କରିଥିଲେ । ଅନ୍ତର୍ଯ୍ୟାମୀ ରାଜପଲିଆ, ହରିଶଙ୍କର ସାହୁ, ରଜନୀକାନ୍ତ ଦାସ, ପିତାମ୍ବର ଭୋଇ, ଅର୍ଜୁନ କୁମାର ଭୋଇ ପ୍ରମୁଖ ହରିହରଙ୍କ ଆଦର୍ଶ ଓ ତ୍ୟାଗମୟ ଜୀବନ ସମ୍ବନ୍ଧରେ କହିଥିଲେ । ହରିହର ରାଷ୍ଟ୍ରୀୟ ବିଚାରର ପ୍ରଖର ପ୍ରବକ୍ତା, ବିଶିଷ୍ଟ ଲେଖକ, ଅନୁବାଦକ ଥିଲେ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଦାଦନର କରୁଣ ପରିଣତି
# ଅଧାରର ଆଇର ହାତେ ନାତିର ଭବିଷତ୍

**ଲାଠୋର, ୧୧।୩ (ଡି.ଏନ.ଏ)**



ନାତି ମହେଶ ସଂଗେ ଆଇ ପ୍ରେମ କୁମ୍ଭାର।

**ଖପ୍ରାଖୋଲ ବ୍ଲକ**
- ୩୫ କେ.ଜି. ଚାଉଲ, ୫ଶହ ଟଙ୍କା ଭତା ଭରସା
- ଆନ୍ଧ୍ରରେ ପୁଓର ମୁର୍ତ୍ତୁ ଉତାରୁ ବହୁ ଘରଛାଡ଼ି ପଲାଲା

ବଲାଙ୍ଗୀର ଜିଲା ଖପ୍ରାକୋଲ ବ୍ଲକ କରୁଆଁଝର ପଁଚେତ୍‌ର ଚାଉଲଡିଆ ଗାଁର ବିଧବା ମହିଳା ପ୍ରେମ କୁମ୍ଭାର(୭୦)। ପୁଓ କାହ୍ନା କୁମ୍ଭାର(୨୭), ବହୁ ଗାୟତ୍ରୀ(୨୫) ଆର ନାତି ମହେଶ(୫)କୁଁ ନେଇ ଥିଲା ତାକର ସୁଖର ସଁସାର। ଜାଗାବାଡ଼ି ଅଭାବୁ ଚାଉଲଡ଼ିଆ ଗାଁର ଗୁଟେ ସରକାରୀ ଜାଗାରେ ମାଏଟ୍ ଖପର ଘରଟିକେ କରି ରହୁଥିଲେ ପ୍ରେମ କୁମ୍ଭାର। ପରିବାରଟା ପରହର ଘରେ କାମବୁତା କରି, ବାହାର ରାଏଜ୍‌କେ ଦାଦନ ଯାଇ ପେଟ ପାଲୁଥିଲେ। ୨୦୧୮ ଦଶରା ମାସେ ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସେମେଲପାଲିର ଝନେ ସରଦାର ଜରିଆରେ ବୁଢ଼ି ମା' ପ୍ରେମକେ ଏକଲା କରି କୁଟୁମବସିଆ ଇଟା ଗଢ଼ବାର ଲାଗି ଆନ୍ଧ୍ରପ୍ରଦେଶର କାରିମନଗର ପଇଦାପାଲିର କସାରମକେ ଯାଇଥିଲେ। ସେଠାନେ କାମବୁତା ଠିକ୍‌ଠାକ୍ ଚାଲିଥିଲା। ହଠାତ୍ ଗଲା ଫେବୃୟାରୀ ୧୫ ତାରିଖରେ କାହ୍ନା ଗଧାବୁଡ଼ା ସାରି କପଡ଼ା ଶୁଖାଲାବେଲେ ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ। ଗୁରୁତର ଅବସ୍ତାରେ ତାହାକୁ ପାସର ଡାକ୍‌ତରଖାନାକେ ଚିକିତ୍ସା ଲାଗି ନିଆଯାଇଥିଲା। ସେଠାନେ ଚିକିତ୍ସା ଅବହେଲାରୁ ତାକର ମୁରତୁ ହେଇଥିଲା। ମାଏକିନା ଗାୟତ୍ରୀ ଗୁଟେ ଆମ୍ବୁଲାନ୍ସରେ ଆପ୍‌ନେର ଲାସ୍ ଧରି ଗାଁକେ ଫିରିଥିଲେ। ଇଟାଭାଟି ମାଲିକକଁର ଇସାରାରେ ଦାଦନ ଏଜେଣ୍ଟ ପରିବାର ଲୁକ୍‌କୁ ତରବରିଆ ହିସାବେ ୩୦ ହଜାର ଟଁକା ଦେଇ ତାକର କେତେ ଲାଗରଲେସରକୁ ଧରି ଶବ ସତ୍‌କାର କରିଦେଇଥିଲେ। ସେ ଟଁକା ଶୁଧି କାମ୍‌କେ ବି ନିହଁଟ ହେଇଥିଲା। ଶୁଧି ଉତାରୁ କାହ୍ନାର ମାଏକିନା ଗାୟତ୍ରୀ ୫ ବଛର୍‌ର ପୁଓ ମହେଶକେ ଛାଡ଼ି ନିଜର ବାପ୍ ଘରକେ ପଲାଲେ। ଏନ୍‌ତାଥି ୫ ବଛରିଆ ମହେଶର ଭବିଷତ୍ ୭୦ ବଛରିଆ ବୁଢ଼ି ଆଇର ହାତେ ରହିଛେ। ପଁଚେତ୍‌ରୁ ମିଲୁଥିବାର ୩୫ କେ.ଜି. ଚାଉଲ ଆର ୫ଶହ ଟଁକା ଭତାକେ ଛାଡ଼ିଦେଲେ ପ୍ରେମ କୁମ୍ଭାରକଁର ଉନିଆ କିଛି ରୁଜ୍‌ଗାର ପଁଥା ବି ନାଁଇଁନ। ଏହେଦେ ମହେଶର ଭବିଷତ୍‌କେ ନେଇ ଚିନ୍‌ତାରେ ପଡ଼ିଥିବାର କହିଛନ୍ ପ୍ରେମ। ଇ ବାବ୍‌ଦେ ଡିଭିଜନାଲ ଅତିରିକ୍ତ ଶ୍ରମ ଆୟୋଗ ସରୋଜ କୁମାର ରଞ୍ଜିତକୁଁ ପଚରାଲାରୁ ଘଟନାର ତଦଁତ୍ କରି ସରକାରୀ ନିୟମ ହିସାବେ ଯେନ୍‌ଟା ହେବା ସୁବିଧା ସୁଯୋଗ ଯୁଗେଇ ଦିଆଯିବା ବଲି ସେ କହିଥିଲେ।

# ୧୧୫ ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଧାରଣା

**କଣ୍ଟାବାଞ୍ଜି, ୧୧।୩ (ଡି.ଏନ.ଏ.)**

କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଜିଲା ଦାବି ଧାରଣା ସୋମବାର ୧୧୫ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନକୁ ଶତାଧିକ ଅନୁଷ୍ଠାନ ସହ ସାମାଜିକ କର୍ମୀ ସମର୍ଥନ କରିଆସିଛନ୍ତି। ଏପରିକି ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡା, ଖପ୍ରାଖୋଲ ବ୍ଲକର ସଂଗଠନ ଏବଂ ବୁଦ୍ଧିଜୀବି ଜିଲା ଦାବିକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଛନ୍ତି। ଏ ନେଇ ଜିଲାପାଳ, ଆରଡିସି ସମ୍ବଲପୁର, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସାକ୍ଷାତ କରି ଦାବିପତ୍ରମାନ ଦିଆଯାଇଛି । ହେଲେ ୧୧୫ଦିନ ପରେ ମଧ୍ୟ କୌଣସି ସରକାରୀ ପ୍ରତିଶ୍ରୁତି ମିଳିନାହିଁ । ନିର୍ବାଚନ ଆଚରଣ ବିଧି ଘୋଷଣା ହୋଇଛି, ତଥାପି ଆନ୍ଦୋଳନ ଜାରି ରହିବ । ଆସନ୍ତା ପୌର ନିର୍ବାଚନ ଘୋଷଣା ଯାଏ ଆନ୍ଦୋଳନ ଜାରି ରହିବା ସହିତ ଜିଲା ଘୋଷଣା ନ ହେଲେ କଣ୍ଟାବାଞ୍ଜି ଏନଏସି ନିର୍ବାଚନକୁ ବର୍ଜନ କରାଯିବ ବୋଲି ଧାରଣାରେ ବସିଥିବା ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏପରିକି କଣ୍ଟାବାଞ୍ଜି ଜିଲା ଦାବିକୁ ଯେଉଁମାନେ ସିଧାସଳଖ ସମର୍ଥନ କରିଛନ୍ତି ଜିଲା ସଂଘର୍ଷ ସମିତି ତାଙ୍କୁ ସମର୍ଥନ କରିବ ବୋଲି ସମିତି ତରଫରୁ କୁହାଯାଇଛି। ସୋମବାରର ଧାରଣାରେ ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ଓକିଲ ଅରୁଣ ବାଗ, ଅଭିମନ୍ୟୁ ନାଗ, ଭକ୍ତଚରଣ ବାଗ, ସତ୍ୟନାରାୟଣ ରାଏ, ବେଣୁଧର ଜାଲ, ପର୍ଶୁରାମ ସଗ୍ରିଆ, ଏସ.ଜଗନ୍ନାଥ ରାଓ, ସହଦେବ ନାଗ, ସମିମ ଖାନ ସହ ତୁମେରଗୁଆଁ, ହିଆଁଲ, ହଲନଭଟା,କୁଆବାହାଲି ଗ୍ରାମର ଜନସାଧାରଣ ସାମିଲ ଥିଲେ।

- ସାଧାରଣ ନିର୍ବାଚନ ଆଚରଣ ସଂହିତା ଲାଗୁ ସତ୍ତ୍ୱେ ଜାରି ରହିବ ଆନ୍ଦୋଳନ
- ନିର୍ବାଚନୀରେ ଜିଲା ସମର୍ଥନକାରୀ ସ୍ଥାନୀୟ ପ୍ରତିନିଧିଙ୍କୁ ପ୍ରାଧାନ୍ୟ
- ଆଗାମୀ ପୌର ନିର୍ବାଚନ ଘୋଷଣା ଯାଏ ଚାଲିବ ଜିଲା ଦାବି ଧାରଣା

# ସଇଁତଲାରେ ଇଣ୍ଟରସିଟି ଏକ୍ସପ୍ରେସ ରହିଲା

**ସଇଁତଲା, ୧୧।୩ (ଡି.ଏନ.ଏ.)**

- ଅଞ୍ଚଳରେ ଖୁସିର ଲହରୀ
- ବିକାଶ ପରିଷଦ ତରଫରୁ ମିଷ୍ଟାନ୍ନ ବଣ୍ଟନ

ବଲାଙ୍ଗୀର ଜିଲା ସଇଁତଲାବାସୀଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି। ରବିବାର ସଇଁତଲା ରେଳଷ୍ଟେଶନରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରହଣି କରିଛି। ଦୀର୍ଘବର୍ଷରୁ ହୋଇଆସୁଥିବା ଏହି ଦାବି ପୂରଣ ପରେ ସଇଁତଲା ତଥା ପାଖଆଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ମିଠାବାଣ୍ଟି ଖୁସି ମନାଇଛନ୍ତି ଲୋକେ। ରବିବାର ରାତି ପ୍ରାୟ ୧୦ଟା୪ରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଷ୍ଟେଶନରେ ପହଞ୍ଚିବା ପରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଟ୍ରେନ ଇଞ୍ଜିନକୁ ଚଢ଼ି ସମ୍ମୁଖ ଭାଗକୁ ଫୁଲରେ ସଜାଇଥିଲେ। ଡ୍ରାଇଭର ଓ କମର୍ଚାରୀମାନଙ୍କୁ ଫୁଲମାଳ ଦେବା ସହ ଇଞ୍ଜିନ ସମ୍ମୁଖରେ ନଡ଼ିଆ ବାଡ଼େଇ ସ୍ୱାଗତ କରିଥିଲେ। ପରେ ଷ୍ଟେଶନଠାରୁ ଉକ୍ତଟ୍ରେନରେ ଚଢ଼ି ଯାତ୍ରା କରୁଥିବା ଯାତ୍ରୀଙ୍କୁ ଫୁଲମାଳ ଦେଇ ସମ୍ମାନୀତ କରାଯାଇଥିଲା। ସଇଁତଲା ବିକାଶ ପରିଷଦର ସଦସ୍ୟମାନେ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ବହୁ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ବନ୍ଧପଡ଼ା-ଟେପ୍ରେନ ରାସ୍ତା ଶୋଚନୀୟ
# ଗେଟି ଉଠି ଯାତାୟାତରେ ବାଧା

**ଦେଓଗାଁ, ୧୧।୩ (ଡି.ଏନ.ଏ.)**



ବନ୍ଧପଡାରୁ ଟେପ୍ରେନକୁ ଯିବା ରାସ୍ତାରେ ଗେଟି ଉଠି ଶୋଚନୀୟ ହୋଇପଡିଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡାରୁ ଟେପ୍ରେନ ଗାଁକୁ ରାସ୍ତା ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଟେପ୍ରେନ ଗ୍ରାମବାସୀ ବନ୍ଧପଡା ଦେଇ ପ୍ରତ୍ୟହ ବିଭିନ୍ନ ସ୍ଥାନକୁ ଯାଆସ କରୁଥିବା ବେଳେ ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତାଦେଇ ବନ୍ଧପଡା ହାଇସ୍କୁଲ, କୁଡାସିଂହା କଲେଜକୁ ଯାଇଥାନ୍ତି। ସେହିପରି ଗାଁର ଜନସାଧାରଣ ବନ୍ଧପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବାରୁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ । ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଅର୍ଦ୍ଧେକ ରାସ୍ତାରେ ବଡ ବଡ ମେଟାଲମାନ ବାହାରି ବିପଦପୂର୍ଣ୍ଣ ହୋଇପଡିଛି । ବହୁ ସମୟରେ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ବନ୍ଧପଡା ଓ ଟେପ୍ରେନ ଗାଁ ରାସ୍ତା ମଝିଦେଇ ପ୍ରବାହିତ ସୋନଗଡ ନଦୀରେ ବିଜୁ ସେତୁ ଯୋଜନାରେ ଏକ ପୋଲ ନିର୍ମାଣ ହୋଇଛି। ହେଲେ ରାସ୍ତା ବ୍ଲକ ପ୍ରଶାସନ ଅଧିନରେ ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ଉନ୍ନତିକରଣ କରିପାରୁ ନାହିଁ । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓଙ୍କୁ ପଚାରିବାରୁ ଫପସି ଛକରୁ ତାଲପାଲି ଦେଇ ଟେପ୍ରେନ ଗାଁକୁ ପ୍ରଧାନମନ୍ତ୍ରୀ ସଡକ ସଂଯୋଗ କରିଛି । ବନ୍ଧପଡାରୁ ଟେପ୍ରେନ ରାସ୍ତା ଗାଁ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ବ୍ଲକ ଅଧିନରେ ରହିଥିବାରୁ ଏହି ରାସ୍ତାର ଉନ୍ନତିକରଣ ଆରଡି ବିଭାଗ କରିପାରିବ ନାହିଁ। ଏଣୁ ବ୍ଲକ ପ୍ରଶାସନ ଯଦି ଆରଡିକୁ ଏହି ରାସ୍ତା ହସ୍ତାନ୍ତର କରିବ ତାହେଲେ ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଗାଁର ପ୍ରଦୀପ କୁମାର ଷଡଙ୍ଗୀ, ସତ୍ୟ ନାରାୟଣ ସିଂ, ଅଶ୍ୱିନୀ ପଧାନ, ସଞ୍ଜୟ ପଣ୍ଡା, ଦେବରାଜ ଘିଭେଲା, ସବିତା ଷଡଙ୍ଗୀ, ଇନ୍ଦ୍ରା ଖମାରୀ ପ୍ରମୁଖ ଶତାଧିକ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ଡାକ୍ତରଖାନା ଅପ୍‌ଗ୍ରେଡ୍ ଧାରଣା ସାମୟିକ ସ୍ଥଗିତ

**ଗୁଡ଼ଭେଲା, ୧୧।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଡାକ୍ତରଖାନାକୁ ଅପଗ୍ରେଡ କରିବା ଦାବିରେ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସ୍‌ଷ୍ଟାଣ୍ଡଠାରେ ଚାଲିଥିବା ଧରଣା ସୋମବାର ସ୍ଥଗିତ ରଖାଯାଇଛି। ନାଗରିକ କମିଟି ସଭାପତି ରୁନୁଗୋପାଳ ସାହୁ ଏହି ଧାରଣାକୁ ସାମୟିକଭାବେ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରେ ନୂଆ ସରକାର ତୁଷୁରା ଡାକ୍ତରଖାନାର ପାହ୍ୟା ବୃଦ୍ଧି ପାଇଁ ଅନୁରୋଧ କରାଯିବ। ଦାବି ପୂରଣ ନ ହେଲେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ।

# ଡିକିଭାଙ୍ଗି ୩୦ହଜାର ଲୁଟିନେଲେ ଦୁର୍ବୃତ୍ତ

**ସଇଁତଲା, ୧୧।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଛକରୁ ସୋମବାର ଜନୈକ ବ୍ୟକ୍ତିଙ୍କ ବାଇକ ଡିକି ଭାଙ୍ଗି ତିରିଶ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁସାରେ ସଇଁତଲା ଆନ୍ଧ୍ରା ବ୍ୟାଙ୍କକୁ ଗଣ୍ଡପତ୍ରାପାଲି ଗ୍ରାମର କୈଳାସ ପାଣ୍ଡେ ତାଙ୍କ ସ୍ତ୍ରୀ ବନବାସୀଙ୍କ ସହ ଆସି ବ୍ୟାଙ୍କରୁ ତିରିଶ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଉଠାଇବା ପରେ ବ୍ଲକ ଛକସ୍ଥିତ ଏକ ଦୋକାନକୁ ସିମେଣ୍ଟ ଓ ରଡ଼ କିଣିବାକୁ ଆସିଥିଲେ। ଦୋକାନ ସମ୍ମୁଖରେ ସେ ଟଙ୍କା ଗଣି ନିଜ ବାଇକ ଡିକିରେ ରଖିବା ପରେ ଦୋକାନୀଙ୍କ ସହ କଥାବାର୍ତ୍ତା କରୁଥିଲେ। ତାଙ୍କ ସ୍ତ୍ରୀ ବାଇକ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ ଦୁଇଜଣ ବ୍ୟକ୍ତି ଏକ ନୀଳ ରଙ୍ଗର ବାଇକରେ ଆସି ସେଂଠରେ ପହଞ୍ଚିଥିଲେ। କୌଶକ୍ରମେ ପୁରୁଣା ହୋଇ ଯାଇଥିବା ଡିକି ଖୋଲି ଟଙ୍କା ନେଇ ସେଠାରୁ ଦ୍ରୁତଗତିରେ ବାଇକରେ ପଳାଇଯାଇଥିଲେ। ଲୁଟେରାଙ୍କୁ ଧରିବାକୁ ତାଙ୍କ ପଛରେ କୈଳାସ ଓ ତାଙ୍କ ସ୍ତ୍ରୀ ଦୌଡ଼ିଥିଲେ ମଧ୍ୟ ଧରିବା ସମ୍ଭବ ହୋଇ ନଥିଲା। ପରେ ଲୁଟ୍‌ର ଶିକାର ହୋଇଥିବା କୈଳାସ ସଇଁତଲା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୩/୧୯)ରୁଜୁ କରି ତଦନ୍ତ କରୁଥିବା ଏସଆଇ ବିଚିତ୍ରାନନ୍ଦ ପ୍ରଧାନ କହିଛନ୍ତି।



ସିସିଟିଭି ଫୁଟେଜରୁ ମିଳିଥିବା ବାଇକ୍ ଲୁଟେରାଙ୍କ ଫଟୋଚିତ୍ର।

# ବିଭିନ୍ନ ସମସ୍ୟା ନେଇ ମହିଳାଙ୍କ ବିକ୍ଷୋଭ

**ଲୋଇସିଂହା, ୧୧।୩ (ଡି.ଏନ.ଏ)**



ବ୍ଲକ ପରିସରରେ ଧାରଣାରତ ମହିଳାମାନେ।

ବଲାଙ୍ଗୀର ଜିଲା ଲୋଇସିଂହ ବ୍ଲକର ଗରିବ ଏବଂ ଭଡ଼ା ହିତାଧିକାରୀ ସଂଗଠନ ପକ୍ଷରୁ ବ୍ଲକ ପରିସରରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଂଗଠନ ପକ୍ଷରୁ କୁହାଯାଇଥିଲା ଯେ, ଗଣତାନ୍ତ୍ରିକ ରାଷ୍ଟ୍ରର ସାମ୍ବିଧାନିକ ଅଧିକାର ଅନୁଯାୟୀ ପ୍ରତ୍ୟେକ ନାଗରିକର ମର୍ଯ୍ୟାଦା ଭାବେ ବଞ୍ଚିବାର ଅଧିକାରକୁ ସ୍ୱୀକୃତି ଦିଆଯାଇଛି। ଏହା ସତ୍ତ୍ୱେ ସମାଜରେ ଗରିବ ଲୋକେ ଦୁଇ ଓଳି ଖାଇବା ପାଇ ସଂଘର୍ଷ କରୁଛନ୍ତି। ଏଣୁ ମୁଣ୍ଡ ପିଛା ୫ କେଜି ଚାଉଳ ବଦଳରେ ୨୫କେଜି, ୫ କେଜି ଡାଲି, ଚିନି, କିରୋସିନ ଓ ୨କେଜି ଆୟୋଡିନ ଲୁଣ ସରକାର ଯୋଗାଇ ଦେବାକୁ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବ୍ଲକ ପରିସରରେ ସଂଗଠନ ପକ୍ଷରୁ ଉଜଳ ସେନାପତିଙ୍କ ସଂଯୋଜାନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବନିତା ପଧାନ, ଲିଲି ମାହାଣା, ଅଜିତ ବେହେରା, ସିନ୍ଧୁ କୁମାରୀ ଝାଙ୍କର, ଦହିତ ବିଭାର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେମାନେ କହିଥିଲେ ଯେ, ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବହୁ ଲୋକେ ବଞ୍ଚିତ ରହୁଛନ୍ତି, ଯାହା ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରୁଛି। ଲୋଇସିଂହା ନୂଆପଡା, ଢୋଲମହୁଲ ସମେତ ସୁଜିଆ ରାସ୍ତାରେ ରହୁଥିବା କେତେକ ପରିବାର ପାନୀୟ ଜଳ ସମସ୍ୟା, ପୁଟାପାଲି ବିପିଏଲ ବିଦ୍ୟୁତ ସେବ ଅଧୁରାକୁ ନେଇ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଲୋଇସିଂହା ପଞ୍ଚାୟତ ଅଧୀନ କର୍ଲିପାଟ ଗ୍ରାମବାସୀ ଦୂଷିତ ପାନୀୟ ଜଳ ପିଇ କଡନୀ ରୋଗରେ ମୃତ୍ୟୁ ମୁଖରେ ପଡୁଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ଏ ଦିଗରେ ଜିଲା ପ୍ରଶାସନର ଉଦାସୀନତକୁେ ନେଇ କ୍ଷୋଭ ପ୍ରକାଶ ମଧ୍ୟ ପାଇଥିଲା । ସଭାସ୍ଥଳକୁ ବିଡିଓ ଖାଡିଆ ଆସି ସ୍ମାରକପତ୍ର ଗ୍ରହଣ କରି ଜିଲାପାଳଙ୍କ ଜରିଆରେ ପଠାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସ୍ଥାନୀୟ ପାନୀୟ ଜଳ ସମସ୍ୟା ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ । ଅନ୍ୟାନ୍ୟ ସମସ୍ୟା ଦିଗରେ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ ।

## ଟିଟିଲାଗଡ଼ ଜିଲା ଦାବି
# ଜିଲା କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ସ୍ଥଗିତ

- ଆଜିଠାରୁ ଖୋଲିବ ସମସ୍ତ କାର୍ଯ୍ୟାଳୟ

**ଟିଟିଲାଗଡ, ୧୧।୩ (ଡି.ଏନ.ଏ.)**

ଟିଟିଲାଗଡ ଜିଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଟିଟିଲାଗଡକୁ ଜିଲା ମାନ୍ୟତା ଦାବି ପାଇଁ ଗତ ନଭେମ୍ବର ୧ରୁ ଆରମ୍ଭ ହୋଇଥିବା ଗଣଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି। ଦୀର୍ଘ ୧୩୧ଦିନ ଧରି ଟିଟିଲାଗଡର ଉପଜିଲାପାଳ, ତହସିଲ, ଟ୍ରେଜେରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, କୃଷି, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ ଆଦି କାର୍ଯ୍ୟାଳୟଗୁଡିକ କ୍ରିୟାନୁଷ୍ଠାନ କମିଟି ତରଫରୁ ବନ୍ଦ କରାଯାଇଥିଲା। ଆବାହକ କୃଷ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି ଯେ, ମଙ୍ଗଳବାରଠାରୁ ବନ୍ଦଥିବା ସମସ୍ତ କାର୍ଯ୍ୟାଳୟଗୁଡିକ ଖୋଲାଯିବ ଏବଂ କୋର୍ଟ କାର୍ଯ୍ୟ ଆରମ୍ଭ କରିବା ପାଇଁ ଓକିଲ ସଂଘ ମଙ୍ଗଳବାର ନିଷ୍ପତ୍ତି ନେବେ। ଆଗକୁ ସାଧାରଣ ନିର୍ବାଚନ ରହିଛି। ନିର୍ବାଚନ ପରେ କ୍ରିୟାନୁଷ୍ଠାନ କମିଟି ତରଫରୁ ଜିଲା ଦାବି ନେଇ କଣ ପଦକ୍ଷେପ ନିଆଯିବ ତାହା ସ୍ଥିର ହେବ ବୋଲି ସାହୁ କହିଛନ୍ତି ।



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।

-ଚେଷ୍ଟର ଫିଲ୍ଡ

## ସଂକ୍ଷେପରେ

### ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଘଟଣା
## ୧୬୪ ଧାରାରେ ଛାତ୍ରୀଙ୍କ ବୟାନ ରେକର୍ଡ

**ଭବାନୀପାଟଣା,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସଦର ଥାନା ଅଞ୍ଚଳରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ୨ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ରବିବାର ସଦର ଥାନା ପୋଲିସ ନାବାଳିକା ଛାତ୍ରୀଙ୍କ ଡାକ୍ତରୀମାଇନା କରାଇଛି। ସୋମବାର ଏସ୍‌ଡିଜେଏମ୍ କୋର୍ଟରେ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ସଦର ଥାନାରେ ଗିରଫ ଅଭିଯୁକ୍ତ ପ୍ରଧାନଶିକ୍ଷକ ସୋମନାଥ ମଙ୍ଗରାଜଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୦୭/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।



### ଜାତୀୟ ମାଷ୍ଟର୍ସ ଭେଟେରାନ୍ କ୍ରୀଡ଼ା ପ୍ରତିଯୋଗିତା
## କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଖେଳାଳି ଶ୍ୟାମାପଦ ବାବୁଙ୍କୁ ସ୍ୱର୍ଣ୍ଣ ପଦକ

**ଭବାନୀପାଟଣା,୧୧।୩(ଡି.ଏନ.ଏ.)**

ଜାତୀୟ ମାଷ୍ଟର୍ସ ଭେଟେରାନ କ୍ରୀଡ଼ା-୨୦୧୯ ଡେହେରାଡୁନ୍‌ଠାରେ ୨୮ ଫେବୃୟାରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡ଼ାରେ କଳାହାଣ୍ଡିର ଶ୍ୟାମାପଦ ବାବୁଙ୍କୁ ସ୍ୱର୍ଣ୍ଣପଦକ ପାଇଛନ୍ତି। ଏଥିସହ ସେ ଓ ସାଥି ମନୋରଞ୍ଜନ ଦାସଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରକାଶ ଥାଉକି ଶ୍ୟାମାପଦ ୨୦୦୯ରେ ଭାରତରୁ ପ୍ରତିନିଧିତ୍ୱ କରି ସ୍ପେନରେ ଆର୍ନ୍ତଜାତିକ ପ୍ରତିଯୋଗିତାରେ ଭାଗ ନେଇ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉତ୍ତିର୍ଣ୍ଣ ହୋଇଥିଲେ। ଏହି ଖବର ଜଣାପଡିବା ପରେ କଳାହାଣ୍ଡିର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜୁନିୟର ବ୍ୟାଡମିଣ୍ଟନ ଖେଳାଳିମାନେ ହସ୍ତାହିତ ହୋଇଛନ୍ତି। ଏଥି ନିମନ୍ତେ ସ୍ଥାନୀୟ ଇନ୍‌ଡୋର ହଲଠାରେ କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘ ତରଫରୁ ଏହି ଦୁଇ ଖେଳାଳିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି।

## ଭିସୁଟ୍‌ରେ ବସନ୍ତ ଉତ୍ସବ

**ବୁର୍ଲା,୧୧।୩ (ଡି.ଏନ.ଏ.)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ୩ ଦିନ ଧରି ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କୌତୁକ ପ୍ରତିଯୋଗିତା, ବ୍ୟଙ୍ଗ ପ୍ରତିଯୋଗିତା, ଫେସ୍ ପେଣ୍ଟିଂ ପ୍ରତିଯୋଗିତା ଆଦି ପ୍ରଦର୍ଶନ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ ଗାୟକ ଷ୍ଟେବିନ୍ ବେନ୍‌ଙ୍କ ସଙ୍ଗୀତ ବେଶ ମନଛୁଆଁ ହୋଇଥିଲା। ପ୍ରଥମ ଦିବସରେ ଜିତେନ୍ଦ୍ର ହରିପାଲଙ୍କ ରଙ୍ଗବତୀ ଗୀତ ଓ ଅମନ ଦୀପଙ୍କ ହାସ୍ୟ ଅଭିନୟ ବେଶ ଆକର୍ଷଣୀୟ ଥିଲା। ଦ୍ୱିତୀୟ ଦିବସରେ ହାସ୍ୟ କଳାକାର ପରବିନ୍ଦର ସିଂ ଓ ଡିଜେ ରବିଶଙ୍କ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ଥିଲା।

### କଳାହାଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ
# ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ

**ଭବାନୀପାଟଣା,୧୧।୩(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

- ୨୨୦ ସମ୍ବେଦନଶୀଳ ବୁଥ ଚିହ୍ନଟ
- ୧୭୫ ବୁଥ୍ ମାଓବାଦୀ ପ୍ରବଣ ଅଞ୍ଚଳରେ ରହିଛି

ନିର୍ବାଚନ କମିଶନଙ୍କ ଘୋଷଣାକ୍ରମେ କଳାହାଣ୍ଡି ଜିଲାରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ଆଚରଣ ବିଧିକୁ କଡାକଡି ଭାବେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଆସନ୍ତା ୧୮ ତାରିଖଠାରୁ ମନୋନୟନ ଫର୍ମ ବିକ୍ରି ସହ ୨୫ ତାରିଖ ପର୍ଯ୍ୟନ୍ତ ମନୋନୟନ ପତ୍ର ଦାଖଲ ତାରିଖ ଧାର୍ଯ୍ୟ କରାଯାଇଛି । ୨୬ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଯିବ, ୨୭ ତାରିଖରେ ମନୋୟନ ପତ୍ର ପ୍ରତ୍ୟାହାର ତାରିଖ ଧାର୍ଯ୍ୟ କରାଯାଇଛି । ବିଧାୟକ ପ୍ରାର୍ଥୀ ପାଇଁ ଅସଂରକ୍ଷିତ ମନୋନୟନ ପତ୍ର ୧୦ ହଜାର ଏବଂ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀପାଇଁ ୫ ହଜାର ଟଙ୍କା ମନୋନୟନ ପତ୍ର ପାଇଁ ଦେବାକୁ ହେବ । ସେହିଭଳି ଲୋକସଭା ଆଶନ ପାଇଁ ପ୍ରାର୍ଥୀଙ୍କୁ ୨୫୦୦୦ ଟଙ୍କା ଓ ଏସଟିଏସସି ପାଇଁ ୧୨୫୦୦ ଟଙ୍କା ଦେଇ ମନୋନୟନ ପତ୍ର ନେଇ ପାରିବେ। ମନୋନୟନ ସମୟରେ ପ୍ରାର୍ଥୀମାନେ ପାନ କାର୍ଡ ବାଧ୍ୟତା ମୂଳକ କରାଯାଇଥିବା ବେଳେ ନିଜ ଏଫିଡିଫିଟ ମଧ୍ୟ ଦାଖଲ କରିବେ । ଜଣେ ପ୍ରାର୍ଥୀ ଦୁଇଟି ସେଟ ମନୋନୟନ ପତ୍ର ଦାଖଲ କରି ପାରିବେ । ଏଥିରେ ୧୦ ଜଣ ପ୍ରୋପଜର ରହିବେ । ପ୍ରୋପଜର ନିଜ ନିର୍ବାଚନ ମଣ୍ଡଳିରେ ହେବା ଜରୁରି। ପ୍ରାର୍ଥୀଙ୍କ ଭୋଟର ତାଲିକାର କ୍ରମିକ ନଂ ଲେଖିବେ। ୨୬ ତାରିଖରେ ସ୍କୁଟିନି କରାଯିବ। ପ୍ରାର୍ଥୀ ନିଜର ପାନକାର୍ଡର ଜେରକ୍ସ କପି ରିଟର୍ନିଂ ଅଫିସରଙ୍କ ପାଖରେ ଦାଖଲ କରିବେ। ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରାର୍ଥୀଙ୍କ ସମେତ ୫ ଜଣ ରିଟର୍ନିଂ ଅଫିସରଙ୍କ ପାଖକୁ ଯାଇପାରିବେ ଓ ମାତ୍ର ୩ଟି ଗାଡି ନେଇପାରିବେ। ସଭା ସମିତି ପାଇଁ ପୋଲିସ ଅନୁମତି ନେବା ଜରୁରି। ଜିଲାପାଳ ଲୋକସଭା ଆସନ ପାଇଁ ଅଫିସର ଥିବା ବେଳେ ଏଡିଏମ୍ ଲାଞ୍ଜିଗଡ ବିଧାନସଭା ନିର୍ବାଚନ ମଣ୍ଡଳି, ଭବାନୀପାଟଣା ଉପଜିଲାପାଳ ଭବାନୀପାଟଣା ଓ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳି, ଧର୍ମଗଡ ଉପଜିଲାପାଳ ଧର୍ମଗଡ ଓ ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳି ଦାୟିତ୍ୱରେ ଥିବା ପ୍ରକାଶ। ନିର୍ବାଚନ ବୁଥଗୁଡିକରେ ପିଇବା ପାଣି, ପାଇଖାନା ଏବଂ ବିଦ୍ୟୁତର ବ୍ୟବସ୍ଥା କରାଯିବ । ବିଧାନସଭା ପ୍ରାର୍ଥୀ ୨୮ ଲକ୍ଷ ଓ ଲୋକସଭା ପ୍ରାର୍ଥୀ ୭୦ ଲକ୍ଷ ଅତି ବେଶିରେ ଖର୍ଚ୍ଚ କରି ପାରିବେ । ମନୋନୟନ ସମୟରେ ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚ କରାଯାଉଥିବା ସଂପୃକ୍ତ ବ୍ୟାଙ୍କ ପାସବୁକର ନମ୍ବର ଦେବେ । ଜିଲାରେ ୧୪୦୫ଟି ବୁଥ ଥିବା ବେଳେ ୨୨୦ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି । ସେହିଭଳି ୧୭୫ଟି ବୁଥ୍ ମାଓବାଦୀ ପ୍ରବଣ ଅଞ୍ଚଳରେ ରହିଛି। ଉକ୍ତ ବୁଥଗୁଡିକରେ ଶାନ୍ତି ଶୃଙ୍ଖଳାର ସହିତ କେମିତି ଭୋଟିଂ କରାଯିବ । ଏଥିପାଇଁ ପ୍ରଶାସନ ବ୍ୟାବସ୍ଥା କରୁଛି ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଡ. ଗାଭାଲି ପରାଗ ହର୍ସଦ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଉପଜିଲାପାଳ ମିର୍ଦ୍ଧା ଟୋପ୍ପୋ ପ୍ରକାଶ କରିଛନ୍ତି ।

# ମା'ଙ୍କୁ ହତ୍ୟା ଘଟଣାରେ ପୁଅ କୋର୍ଟ ଚାଲାଣ

**କୋକସରା,୧୧।୩ (ଡି.ଏନ.ଏ.)**



ଗିରଫ ଅଭିଯୁକ୍ତ ।

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ତୁନଗାଁରେ ମା'ଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ପୁଅ ରମେଶ ବେମାଲ (୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନା ଅନୁସାରେ ତୁନଗାଁର ଲଙ୍କା ବେୱାଙ୍କ ସ୍ୱାମୀ ଖଗେଶ୍ୱର ବେମାଲଙ୍କ ମୃତ୍ୟୁ ପରେ ମା' ପୁଅ ରମେଶଙ୍କୁ ନେଇ ଉଭୟେ ରହୁଥିଲେ। ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରମେଶ ଯୁକ୍ତ ଦୁଇ ଅଧାରୁ ପାଠ ଛାଡ଼ି ଥିଲେ । ଆଗକୁ ପଢି ନ ପାରି ଘରେ ଏକୁଟିଆ ରହିବା ସହ ମାନସିକ ଚାପରେ ରହୁଥିବା ଗ୍ରାମବାସୀ କହିଛନ୍ତି । ଗତ ଫେବୃୟାରୀ ୨୫ ତାରିଖ ଅପରାହ୍ନରେ ସାଇକେଲ କିଣିବାକୁ ମା'ଙ୍କୁ ରମେଶ କହିଥିଲେ। ଏଥିରେ ମା' ରାଜି ନ ହେବାରୁ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ମା'ଙ୍କ ପେଟକୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଅର୍ଥ ଅଭାବରୁ ଚିକିତ୍ସା କରି ନ ପାରି ଘରକୁ ଫେରି ଆସିଥିଲେ। ଗତ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପୁଅ ମା'ଙ୍କ ମୃତଦେହକୁ ନେଇ ଗାଁ ମଶାଣିରେ ଲୁଚିଛପି ପୋତି ଦେଇଥିଲା। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋତାଯାଇଥିବା ମୃତଦେହ ବାହାର କରି ବ୍ୟବଚ୍ଛେଦ ପରେ ପୁଣି ପୋତିଦେଇଥିଲେ। ପୋଲିସ ପୁଅଙ୍କୁ ଥାନାରେ ଅଟକ ରଖି ତଦନ୍ତ କରିବା ବେଳେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲା । ଏ ନେଇ ସୋମବାର କୋକସରା ଥାନାରେ ଦଫା ୩୦୨, ୨୦୧, ୩୪ ଆଇପିସିରେ ଏକ ମାମଲା (ନଂ.୪୬/୨୦୧୯) ରୁଜୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।

# ଜୟଦୁର୍ଗା ହାଇସ୍କୁଲରେ ଶିଶୁ ବିଜ୍ଞାନମେଳା ଉଦ୍‌ଯାପିତ

**ପଲମ,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲାରୋଡ ଜୟଦୁର୍ଗା ହାଇସ୍କୁଲଠାରେ ଚାଲିଥିବା ଶିଶୁ ବିଜ୍ଞାନମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି । ଭାରତ ସରକାରଙ୍କ ପ୍ରଯୁକ୍ତି ବିଦ୍ୟା ବିଭାଗ, ବିଜ୍ଞାନ ପ୍ରସାର, ନୂଆଦିଲ୍ଲୀ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡିଶାର ମିଳିତ ଉଦ୍ୟମରେ ୨ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୧୦ଜଣ ଛାତ୍ରୀଛାତ୍ର ଯୋଗଦେଇ ଭାଗ ନେଇଥିଲେ। ବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ବିଜ୍ଞାନ ଶିକ୍ଷାକୁ ପ୍ରୟୋଗାତ୍ମକ କରିବା ସହ ବୈଜ୍ଞାନିକ ଦୃଷ୍ଟି କୋଣର ପ୍ରଚାର ପ୍ରସାର କରିବା ଏହି ମେଳାର ମୂଳ ଲକ୍ଷ ବୋଲି ଏହି ଅବସରରେ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶମ୍ବର ଭୋଇ, ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ରନାଥ ଜେନା ଯୋଗଦେଇ ଆଜିର ଦିନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ବିଜ୍ଞାନ ପ୍ରୟୋଗ ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ କେସିଙ୍ଗା ସରକାରୀ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସମୀର କୁମାର ବେହେରା ଓ ତଳବେଲଗାଁ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବିରେନ୍ଦ୍ର ଆଚାର୍ଯ୍ୟ ଯୋଗଦାନ କରି ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ବିଜ ବିଜ୍ଞାନ ଓ ଗଣିତ ଆଦି ବିଷୟର ପ୍ରୟୋଗ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।




ଶିଶୁ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ ।

## ରେଙ୍ଗାଲିରେ ଭାଜପାର ମିଶ୍ରଣ ପର୍ବ

**ରେଙ୍ଗାଲି, ୧୧।୩ (ଡି.ଏନ.ଏ.)**

ରେଙ୍ଗାଲି ତହସିଲ ଛକଠାରେ ରେଙ୍ଗାଲି ମଣ୍ଡଳ ଯୁବ ମୋର୍ଚ୍ଚା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସୋମବାର ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଉତ୍ତମ ବିଶ୍ୱାଳଙ୍କ ସଂଯୋଜନାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ରେଙ୍ଗାଲି ଏବଂ ନିଶାନଭଙ୍ଗା ପଞ୍ଚାୟତର ଯୁବକମାନେ ଭାଜପାର ନୀତି, ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ଅତିଥି ଭାବରେ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ବଲପୁର ଜିଲା ପ୍ରଭାରୀ ହରିହର ମହାନନ୍ଦ, ଜିଲା ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା, ଜିଲା ଉପସଭାପତି ପ୍ରଶାନ୍ତ ପଣ୍ଡା, ରେଙ୍ଗାଲି ମଣ୍ଡଳ ସଭାପତି ଜ୍ୟୋତିମୟ ସାହୁ, ବରିଷ୍ଠ ଭାଜପା ନେତା ଡ. ଅର୍ଜୁନ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ରେଙ୍ଗାଲି ମଣ୍ଡଳ ସାଧାରଣ ସମ୍ପାଦକ ସମୀରକାନ୍ତ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ ।

### ଯମୁନାପୁର କପ୍ ଫୁଟବଲ ଟୁର୍ନାମେଣ୍ଟ
# ଦ୍ୱିତୀୟ ଦିବସ ମ୍ୟାଚ୍‌ରେ କୁଶୁର୍ଲା ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

**କର୍ଲାମୁଣ୍ଡା,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଜମୁନାପୁରଠାରେ ରବିବାରଠାରୁ ଜମୁନାପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ସୋମବାର ଦ୍ୱିତୀୟ ଦିବସରେ କୁଶୁର୍ଲା ଓ ସିରାବାହାଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ସିରାବାହାଲକୁ ୧ ଗୋଲରେ ହରାଇ କୁଶୁର୍ଲା ବିଜୟ ହୋଇଛି। ଖେଳକୁ ଆୟୋଜକ କମିଟି ତୁମ୍ବେଶ୍ୱର ସାହୁ, ସୁରେଶଚନ୍ଦ୍ର ସାହୁ, ଅଜିତ କୁମାର ସାହୁ, ବିକ୍ରମ ସାହୁ, ଧନେ ମାଝି, ଇନ୍ଦ୍ରମଣି ଭୋଇ, ରତ୍ନାକର ସାହୁ, ଶେଷଦେବ ସାହୁ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ସଂସାର ସାହୁ, ମନବାଞ୍ଛା ସାହୁ, ବିଦୁର ସାହୁ, ଦାମୋଦର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାଧବ ସାହୁ, ସମ୍ମାନିତ ଅତିଥି ଭାବେ ୱାର୍ଡମେମ୍ବର ତାରାଚନ ସାହୁ, ସୁପାରୀ ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।

# ଉତ୍କଳ ସମ୍ମିଳନୀର ପଞ୍ଚମ କାର୍ଯ୍ୟକାରୀ ବୈଠକ

**ଭବାନୀପାଟଣା,୧୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଶାଖା ଉତ୍କଳ ସମ୍ମିଳନୀ ସଭାପତି ଜଗଦୀଶ ପ୍ରଧାନଙ୍କ ଆହ୍ୱାନରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ପଞ୍ଚମ ବୈଠକ ଭବାନୀପାଟଣାସ୍ଥିତ ସହଭାଗୀ ଅଭିଯାନ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ କେନ୍ଦ୍ରୀୟ ସଭାପତି ଡ଼. ଅଦ୍ୱୈତ କୁମାର ପାତ୍ର ସଭାପତିତ୍ୱରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଉପସଭାପତି, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଦେ, କୋଷାଧ୍ୟକ୍ଷ ବିମଳଚନ୍ଦ୍ର ଷଡଙ୍ଗୀ, ସମ୍ପାଦକମାନେ ଯୋଗଦେବା ସହ ବିଭିନ୍ନ ଶାଖାର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ସମାବେଶରେ ଓଡିଆ ଭାଷା ପ୍ରଚାର ଓ ପ୍ରସାର କିଭଳି ବହୁଳ ହେବ ତାହା ଆଲୋଚନା ହୋଇଥିଲା । ଓଡିଆ ଭାଷାକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ ଆଞ୍ଚଳିକ ଓ ଜନଜାତିଙ୍କ ଭାଷାକୁ ଗ୍ରହଣ କରାଯିବା ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାର୍ଯ୍ୟକରିବାକୁ ବୈଠକରେ ଗୁରୁତ ଦିଆଯାଇଥିଲା । ବିଭିନ୍ନ ଆଞ୍ଚଳିକ ଭାଷାର ଶବ୍ଦାବଳିକୁ ଓଡିଆମାନଙ୍କ ଭାଷାରେ ସମ୍ପୃକ୍ତ କରି ଓଡିଆ ଭାଷାକୁ ସମୃଦ୍ଧ କରିବାକୁ ଆହ୍ୱାନ ଦିଆଯାଇଥିଲା । ପଡୋଶୀ ରାଜ୍ୟ ବିଶେଷ କରି ବିଛିନ୍ନାଞ୍ଚଳରେ ଓଡିଶା ଶିକ୍ଷାର ସ୍ଥିତି ଓ ପ୍ରଗତି ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳରେ ଓଡିଆ ଶିକ୍ଷା ପାଇଁ ସ୍ଥାନୀୟ ବିଦ୍ୟାଳୟରେ ଓଡିଶା ସରକାର ଦ୍ୱାରା ପ୍ରଦତ୍ତ ଅର୍ଥରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଓଡିଆ ଶିକ୍ଷା କାର୍ଯ୍ୟକ୍ରମ କରିବାକୁ ପଶ୍ଚିମ ବଙ୍ଗ ସରକାରଙ୍କୁ ଦାବି କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ପ୍ରକାଶ ଥାଉକି ଛତିଶଗଡ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶ ସରକାର ସରକାରୀ ବିଦ୍ୟାଳୟରେ ଓଡିଆ ଭାଷା ଶିକ୍ଷା ଗ୍ରହଣ ଜାରି ରଖିଛନ୍ତି । ଓଡିଶା ସରକାରଙ୍କ ଦ୍ୱାର ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିଯୁକ୍ତି ପାଇଥିବା ଓଡିଆ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରିତାପର ବିଷୟ ପଶ୍ଚିମବଙ୍ଗ ସରକାରଙ୍କୁ ବାରମ୍ବାର ସରକାରୀସ୍ତର ଓ ବେସରକାରୀସ୍ତରରେ ଅନୁରୋଧ କରାଗଲେ ମଧ୍ୟ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏଥିପାଇଁ ତୁରନ୍ତ ପଶ୍ଚିମବଙ୍ଗର ଥିବା ପ୍ରଥମ ଓଡିଆ ସଂଘ ସହୋଯୋଗରେ ସେଠାକାର ସରକାରଙ୍କୁ ପ୍ରଭାବିତ କରିବା ପାଇଁ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯିବା ପାଇଁ ସ୍ଥିର ହୋଇଛି । ଓଡିଆ ଭାଷାର ଉନ୍ନତି କରଣ ପାଇଁ ଭକ୍ତ କବି ମଧୁସୁଦନ ରାଓଙ୍କ ରଚିତ ବର୍ଣ୍ଣ ବୋଧକୁ ସରକାରୀସ୍ତରରେ ମୁଦ୍ରଣ କରାଯାଇ, ଓଡିଶା ତଥା ଓଡିଶା କଳାରେ ବହୁଳ ଭାବରେ ବଣ୍ଟନ କରିବା ତୁରନ୍ତ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗୃହିତ କରାଯାଇଛି । କୁଟିଆ ଅଞ୍ଚଳରେ ଥିବା ଗ୍ରାମମାନଙ୍କରେ ଆନ୍ଧ୍ର ସରକାର ସେଠାକାର ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଜ ଆଡକୁ ନେବା ପାଇଁ ବିଭିନ୍ନ ଅପଚେଷ୍ଟା ବିରୋଧରେ ଓଡିଶା ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦୃଢ ଦାବି ପାଇଁ ନିଷ୍ପତ୍ତି ହୋଇଛି । ସେହିପରି ଉତ୍ତର ଓଡିଶାର ସୁବର୍ଣ୍ଣ ରେଖା ଅବବାହିକ ତତ୍‌ସଂଗ୍ନ ସୀମାନ୍ତ ଗ୍ରାମଗୁଡିକରେ ପଶ୍ଚିମବଙ୍ଗ ସରକାରଙ୍କ ଦାଦାଗିରି ପ୍ରତି ଓଡିଶା ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଓଡିଶାର ଉନ୍ନତି କ୍ଷତି ସାଧନ ହେବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଭାବାନୀପାଟଣାଠାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ନିଷ୍ପତ୍ତି ପାଇଁ ସମ୍ମିଳନୀ ପକ୍ଷରୁ ରାଜ୍ୟ ସରକାରଙ୍କ ସନ୍ତୋଷବ୍ୟକ୍ତ କରାଯାଇଥିଲା ।

### ଜୁନାଗଡ ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ପ୍ରଦାନ ଅଭିଯୋଗ
# ମୁହଁ ମୋଡୁଛନ୍ତି ଲୋକେ

**ଜୁନାଗଡ,୧୧।୩(ଡି.ଏନ.ଏ.)**



ୱାସିଙ୍ଗ ରୁମ ଅପରିଷ୍କାର ହୋଇଛି, ଶିଝି ନ ଥିବା ଭାତ ।

**ରାଜ୍ୟ ସରକାରଙ୍କ ଆହାର ଯୋଜନା**

- ଖାଦ୍ୟ ଯାଞ୍ଚ ପ୍ରତି ବିଭାଗର ଦୃଷ୍ଟି ପଡୁନି

ଗ୍ରାମାଞ୍ଚଳରୁ ବିଭିନ୍ନ କାମ ନେଇ ସହରକୁ ଆସୁଥିବା ଲୋକେ ଓ ସହରର ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ରାଜ୍ୟ ସରକାର ୫ ଟଙ୍କାରେ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ଆହାର ଯୋଜନା ପ୍ରଣୟନ କରିଛନ୍ତି। ୨୦୧୫ ଏପ୍ରିଲ ୧ ତାରିଖରେ ରାଜ୍ୟ ସରକାର ଏହି ଯୋଜନାର ଆରମ୍ଭ କରିଥିଲେ। ଏଥିପାଇଁ ରାଜ୍ୟର ବିଭିନ୍ନ ସହରରେ ଆହାର କେନ୍ଦ୍ରଗୁଡିକ ଖୋଲାଯାଇଥିଲା। ତେବେ ଏହି କେନ୍ଦ୍ରରେ ବର୍ତ୍ତମାନ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଲୋକେ ଏବେ ଆହାର କେନ୍ଦ୍ର ପ୍ରତି ମୁହଁ ମୋଡୁଥିବା ଜଣାପଡିଛି। ଏଥିପ୍ରତି ଖାଦ୍ୟ ଯାଞ୍ଚ ବିଭାଗ ତଥା କୌଣସି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି ଏକ ଉଦାହରଣ କଳାହାଣ୍ଡି ଜିଲା ଜୁନାଗଡ ସହରରେ ଥିବା ଆହାର କେନ୍ଦ୍ରରେ ଦେଖିବାକୁ ମିଳିଛି । ଏହି କେନ୍ଦ୍ରରେ ବର୍ତ୍ତମାନ ନିମ୍ନମାନର ଚାଉଳ, ଡାଲିରେ ରନ୍ଧାଯାଇ ଲୋକଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରିକି ରୋଷେଇ ସମୟରେ ଚାଉଳ, ଡାଲି, ପନିପରିବା ଠିକ ଭାବେ ସିଝୁ ମଧ୍ୟ ନାହିଁ । ଏଥିଯୋଗୁ ଲୋକମାନେ ପେଟ ରୋଗର ଶିକାର ହେବା ମଧ୍ୟ ଆଶଙ୍କା ରହିଛି। ଫଳରେ ଲୋକମାନେ ଏବେ ଆହାର ପ୍ରତି ମୁହଁ ମୋଡୁଥିବା ଜଣାପଡିଛି। ଆହାର କେନ୍ଦ୍ରର ୱାସିଙ୍ଗ ରୁମକୁ ସଫା କରାଯାଉ ନ ଥିବାରୁ ପ୍ରାୟ ସମୟରେ ଅପରିଷ୍କାର ଦେଖିବାକୁ ମିଳିଥାଏ। ସେହିପରି ବିଭିନ୍ନ ଦୋକାନ ଓ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ପୂର୍ବରୁ ମାଲିକମାନେ ଆହାର କେନ୍ଦ୍ର ସହ ସଲାସୁତୁରା ଯୋଗୁ ଲୋକେ ଟୋକନ ନ ପାଇଁ ଆହାର କେନ୍ଦ୍ରରୁ ଖାଇବାକୁ ନ ପାଇବା ଘଟଣା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଆହାର କେନ୍ଦ୍ରରେ ଦିନକୁ ୩ ଶହ ଜଣଙ୍କ ଖାଦ୍ୟ ପରସା ଯାଇଥାଏ। ଏଥିରେ ଖାଦ୍ୟ ଯୋଗାଇବା ପାଇଁ ମାନ୍ନା ଟ୍ରଷ୍ଟକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ପ୍ରତିଦିନ ସହରକୁ ଆସୁଥିବା ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆହାର ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସରଜମିନ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ଖାଦ୍ୟ ନିରୀକ୍ଷକ ଅଜିତ କୁମାର ଚାନ୍ଦଙ୍କୁ ପଚାରିବାରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ନେଇ ଜୁନାଗଡ଼ ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ମାନ୍ନା ଟ୍ରଷ୍ଟ କର୍ମଚାରୀ ସୁଶାନ୍ତ କୁଲ୍‌ଦୀପ୍‌ଙ୍କୁ ପଚାରିବାରୁ ନିମ୍ନମାନର ଖାଦ୍ୟ ଯୋଗାଣକୁ ଅସ୍ୱୀକାର କରିଥିଲେ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ପଙ୍ଖା ଚାଲୁଛି। ଏଣୁ ଭାତସବୁ ଶୁଖିଯାଉଥିବାରୁ ଏପରି ହେଉଥିବା ଅନୁମାନ କରାଯାଉଛି ବୋଲି ସେ କହିଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୩ ନଳକୂଅ ଅଚଳ, ପାଣି ପାଇଁ ହନ୍ତସନ୍ତ

**ଜହ୍ନାପଙ୍କ, ୧୧।୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣନଗର ବ୍ୟାଙ୍କ ପାଖ, ସାପ୍ତାହିକ ବଜାର ଓ କୋଡାସାହିଠାରେ ଥିବା ୩ଟି ନଳକୂଅ ମାସେରୁ ଊର୍ଦ୍ଧ୍ୱ ହେଲା ଅଚଳ ହୋଇଥିଲେ ମଧ ଏହାର ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ଶହେ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମଧ ସବୁ ଗଳିକୁ ଠିକ ଭାବେ ସପ୍ଲାଏ ପାଣି ଯାଉ ନ ଥିବାରୁ ବହୁ ପରିବାର ପାନୀୟ ଜଳ ପାଇପାରୁ ନାହାନ୍ତି । ସ୍ୱଜଳଧାରା କମିଟି ଗଠନ କରାଯାଇଥିଲେ ମଧ ଠିକ ଭାବେ ପରିଚାଳନା ହେଉ ନ ଥିବା ଅଭିଯୋଗ ହେଉଛି ।

### ଖୋଲାଗଲା ବ୍ୟାନର ପୋଷ୍ଟର

**ଭେଡ଼େନ,୧୧।୩(ଡ଼ି.ଏନ.ଏ):** ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଫଳରେ ସର୍ବସାଧାରଣ ସ୍ଥାନରେ ଥିବା ରାଜନୈତିକ ନେତୃବୃନ୍ଦଙ୍କ ଫଟୋ ଥିବା ବିଭିନ୍ନ ବ୍ୟାନର ପୋଷ୍ଟର ହୋର୍ଡିଂ ସବୁକୁ ପ୍ରଶାସନ ପକ୍ଷରୁ ହଟାଇ ଯାଇଛି। ସୋମବାର ପୂର୍ବାହ୍ନରେ ଭେଡ଼େନ ବ୍ଲକର ଅଧିକାରୀମାନେ ବିଭିନ୍ନ ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ଲାଗିଥିବା ହୋର୍ଡିଂ ସବୁକୁ ଖୋଲିଥିଲେ ।

### ସୁନା ଗହଣା ଲୁଟ୍

**ବରଗଡ଼ ଅଫିସ,୧୧।୩:** ବରଗଡ଼ ସହରରେ ଲୁଟେରାମାନେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି । ରବିବାର ଦିନ ଦ୍ୱିପ୍ରହରରେ ସହର ମଧ୍ୟରେ ଲୁଟେରାମାନେ ଅଭିନବ ଉପାୟରେ ସ୍ଥାନୀୟ ଅଶୋକ ଦେହଲନଙ୍କ ସ୍ତ୍ରୀ ମନକଦେବୀଙ୍କଠାରୁ ପ୍ରାୟ ୯୦ଗ୍ରାମର ସୁନା ଗହଣା ଲୁଟି ନେଇଛନ୍ତି । ମନକଦେବୀ ନିଜ ଦୋକାନରୁ ଘରକୁ ଫେରୁଥିଲେ । ଏହି ସମୟରେ ଲୁଟେରାମାନେ ବାଇକ୍ ଯୋଗେ ତାଙ୍କୁ ପିଛା କରିଥିଲେ ଏବଂ ନିଜକୁ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇ ବାଟରେ ତାଙ୍କୁ ଅଟକାଇଥିଲେ । ସେ ପିନ୍ଧିଥିବା ଚୂଡ଼ି ଓ ହାର ଯାଞ୍ଚ କରିବେ କହି ତାଙ୍କୁ ମାଗିଥିଲେ ଏବଂ ଚତୁରତାର ସହିତ ତାକୁ ନେଇ ଫେରାର୍ ହୋଇ ଯାଇଥିଲେ । ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏହାର ଅଧିକ ତଦନ୍ତ କରୁଛି ।

### ବିଜେଡ଼ି ଆଇଟି ୱିଙ୍ଗ ସଂଯୋଜକ ମନୋନୀତ

**ବରଗଡ଼ ଅଫିସ,୧୧।୩:** ବରଗଡ଼ ଜିଲା ବିଜେଡ଼ି ସୋସିଆଲ ମିଡ଼ିଆ ଆଇଟି ୱିଙ୍ଗ ସଂଯୋଜକ ଭାବେ ଅନୀଲ କୁମାର ଦଳାଇଙ୍କୁ ମନୋନିତ କରାଯାଇଛି। ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୩ ନିବାସୀ ଅନୀଲ ପୂର୍ବତନ ପୌରାଧ୍ୟକ୍ଷା ଜମ୍ୱୋବତୀ ଦଲେଇଙ୍କ ପୁଅ। ଏହି ପଦବୀରେ ମନୋନୀତ ହେବା ପରେ ଅନୀଲ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

■ ମଣ୍ଡି ବନ୍ଦ ଯୋଗୁ ଧାନ ବିକ୍ରି ହୋଇପାରୁନି

# ଚାଷୀ କଲେ ରାଜପଥ ଅବରୋଧ

**ଜହ୍ନାପଙ୍କ,୧୧।୩(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ସେବା ସମବାୟ ସମିତିରେ ଫେବୃଆରୀ ୧୯ତାରିଖରୁ ଧାନ ମଣ୍ଡିଗୁଡିକୁ ବନ୍ଦ କରିଦିଆଯାଇଛି । ଫଳରେ ଏହି ଅଞ୍ଚଳର ଚାଷୀମାନେ ସେମାନଙ୍କ ଅମଳ ଧାନ ବିକ୍ରି କରିପାରିନାହାନ୍ତି । ଅନ୍ୟପକ୍ଷେ ବ୍ୟବସାୟୀମାନେ ସକ୍ରିୟ ହୋଇପଡିଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ଚାଷୀମାନେ ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥର ତେଲିବନ୍ଧଠାରେ ଧାନବସ୍ତା ରଖି ସୋମବାର ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ଘଟଣାସ୍ଥଳରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ କହିବାରୁ ରାସ୍ତାରୋକୋ ହଟିଥିଲା। ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ଉପସ୍ଥିତିରେ ଆଲୋଚନା ପରେ ଚାଷୀମାନଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ଦାବିକୁ ଜିଲାପାଳଙ୍କୁ ଅବଗତ କରାଇ ଏହାର ବିହିତ ପଦକ୍ଷେପ ନେବାକୁ ଯୋଗାଣ ଅଧିକାରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାରୋକରେ କୃଷକନେତା ଭୋଳାଗିରି ସାହୁ, ବିଶିକେଶନ ପ୍ରଧାନ, ସନ୍ତୋଷ ମେହେର, ରବୀନ୍ଦ୍ର ମେହର, ତ୍ରିପୁରାରୀ ମହାକୁଡ, ସହଦେବ ବେଜୀ, ନିତ୍ୟାନନ୍ଦ ସାହୁ, ନିର୍ମଳ କୁମାର ସାହୁ, ଗୁପ୍ତେଶ୍ୱର ମେହେର, ସୁରେଶ ନାଏକ, ମୋହନ ସାହୁ, ନଳିନୀ କର୍ଣ୍ଣ, ନିତ୍ୟାନନ୍ଦ କର୍ଣ୍ଣ, ସ୍ୱାଧୀନ ବାରିକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ । ଆଗାମୀ ୫ଦିନ ମଧ୍ୟରେ ଯଦି ଏହାର ସମାଧାନ କରା ନ ଯାଏ ତେବେ ପୁଣି ରାସ୍ତାରୋକୋ ସହିତ ଭୋଟ ବର୍ଜନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଦ୍ୱାରିକାନାଥ ସେଠି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।



ଚାଷୀମାନେ ଧାନବସ୍ତା ରଖି ରାଜପଥ ଅବରୋଧ କରିଛନ୍ତି ।

# ଫି ବୃଦ୍ଧିର ପ୍ରତିବାଦ କଲେ ଅଭିଭାବକ

**ବରଗଡ଼ ଅଫିସ,୧୧।୩**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ବେଥାନୀ କନଭେଣ୍ଟ ସ୍କୁଲରେ ଆଶାତୀତ ଫି ବୃଦ୍ଧିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଅଭିଭାବକମାନେ ସ୍କୁଲ ଆଗରେ ଏକାଠି ହୋଇ ପ୍ରତିବାଦ କରିଥିଲେ । ସେମାନେ ଅଭିଯୋଗ କରିଛନ୍ତି, ଉକ୍ତ ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି ଫି ବୃଦ୍ଧି କରୁଛନ୍ତି । ଅନ୍ୟପଟେ ଫି ନ ଦେଲେ ପରୀକ୍ଷାରୁ ବଞ୍ଚିତ କରାଯିବ ବୋଲି ମଧ୍ୟ ଛାତ୍ରୀଛାତ୍ରଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ତେବେ ପ୍ୟାରେଣ୍ଟ୍ସ ମିଟିଂ ପାଇଁ ଅଭିଭାବକମାନେ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ତାକୁ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଫଳରେ ପ୍ରତି ୩ମାସରେ ପ୍ୟାରେଣ୍ଟ୍ସ ମିଟିଂ, ଅତିରିକ୍ତ ଫି ଅସୁଲି ବନ୍ଦ, ସରକାରଙ୍କ ନୀତି ନିୟମ ଅନୁସାରେ ଫି ସଂଗ୍ରହ, ଶିକ୍ଷା ଅଧିକାର ଆଇନକୁ ପାଳନ, ଅଭିଭାବକଙ୍କୁ ନେଇ ଶିକ୍ଷା କମିଟି ଗଠନ, ଶିକ୍ଷାଦାନ ପାଇଁ ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେମାନେ କହିଛନ୍ତି ।



ଅଭିଭାବକମାନେ ଫି ବୃଦ୍ଧିର ପ୍ରତିବାଦ କରୁଛନ୍ତି ।

# ଜିଲାପାଳଙ୍କୁ ଫେରାଦ ହେଲେ ବିସ୍ଥାପିତ

**ବରଗଡ଼ ଅଫିସ,୧୧।୩**

ଡେବ୍ରିଗଡ଼ ଅଭୟାରଣ୍ୟର ଝଗଡ଼ାବେହେରା ଏବଂ ଡେବ୍ରିଗଡ଼ରୁ ବିସ୍ଥାପିତ ହୋଇଥିବା ପରିବାର ଲୋକେ ସୋମବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଛନ୍ତି । ସେମାନଙ୍କ ଅବିବାହିତ ଝିଅଙ୍କୁ ସହାୟତା ରାଶି ପ୍ରଦାନ ସମେତ ୪ ଡେସିମିଲ ଜମି ଏବଂ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। ଦୀର୍ଘଦିନ ହେଲା, ଝଗଡ଼ାବେହେରାର ୬୬ ଏବଂ ଡେବ୍ରିଗଡ଼ର ୭ ପରିବାର ବିସ୍ଥାପିତ ହୋଇଥିଲେ। ସେତେବେଳେ ଗ୍ରାମସଭାରେ ବିସ୍ଥାପିତ ପରିବାର ଲୋକଙ୍କୁ ୪ଡେସିମିଲ ଜମି ଏବଂ ଗୃହ ନିର୍ମାଣ ଯୋଜନାରେ ଘର ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ସେହିପରି ପୁରୁଷ ଲୋକଙ୍କୁ ବିସ୍ଥାପନ ସହାୟତା ରାଶି ମିଳିଥିବାବେଳେ ଅବିବାହିତ ଯୁବତୀଙ୍କୁ କିଛି ସହାୟତା ମିଳି ନ ଥିଲା । ଫଳରେ ଏ ନେଇ ସେମାନେ ବାରମ୍ବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ୧୮ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ଯୁବତୀଙ୍କୁ ବିସ୍ଥାପନ ସହାୟତା ରାଶି ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଦେବଦତ୍ତ ବିଶ୍ୱାଳ ତାଙ୍କ ପତ୍ରସଂଖ୍ୟା-୨୭୦୧୯ ତା-୧୭/୧୨/୧୮ରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଦେବାର ଦୁଇମାସ ପରେ ମଧ୍ୟ ବିସ୍ଥାପିତ ଅବିବାହିତ ଯୁବତୀଙ୍କ ପାଖକୁ କିଛି ସହାୟତା ମିଳି ପାରି ନ ଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିସ୍ଥାପିତ ପରିବାର ଲୋକେ ଖଜୁରିଆ, ରାଉତପଡ଼ା, ଟାଙ୍ଗରପାଲି, ଚକବାହାଲ, ଲେଲେହେର, ଅମ୍ବାଭୋନା, ମାଛିମୋରା, ବଡ଼ମାଲ ଆଦି ଗ୍ରାମରେ ଆଶ୍ରୟ ନେଇଛନ୍ତି । ସେମାନଙ୍କ ଅବିବାହିତ ଝିଅଙ୍କୁ ସହାୟତା ସମେତ ୪ଡ଼େସିମିଲ ଘରଡ଼ିହ ଏବଂ ଗୃହ ନିର୍ମାଣ ଯୋଜନାରେ ଘର ପ୍ରଦାନ କଲେ ସେମାନେ ଉପକୃତ ହେବେ ବୋଲି କହିଛନ୍ତି। ଝଗଡ଼ାବେହେରାରୁ ବିସ୍ଥାପିତ ହୋଇଥିବା କାହ୍ନୁ ପ୍ରଧଶନ, ଗୋସେଇ ଭଏଁସା, ମର୍ଗୁ ଭଏଁସା, ରମେଶ ମାଝି, କିଶୋର ଭଏଁସା, ଡେବ୍ରିଗଡ଼ରୁ ବିସ୍ଥାପିତ ସୁରେନ୍ଦ୍ର ଭୁଏ ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହୋଇଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିସ୍ଥାପିତ ପରିବାର ଲୋକେ ।

■ ଆବାସ ଯୋଜନା ବାଟବନା

# ଭଂଗା ଦଦ୍‌ରା ଘରେ ବିତୁଛେ ଜୀବନ

**ଜାମଟିକ୍ରା, ୧୧।୩ (ଡି.ଏନ.ଏ):**

ଗରିବ୍ ଦୁଖିକର ଲାଗି କେନ୍ଦ୍ର ଆର ରାଏଜ୍ ସରକାର ଅନେକ ପରକାର ଆବାସ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ୍ ଜାଗାରେ ଅଧିକାରୀମାନକର ଖାମଖିଆଲି ମନଭାବ ଆର ଥାନୀୟ ନେତାକର ଆଁତରିକତା ଅଭାବ ଲାଗି ବହୁତ ଗରିବ୍ ଦୁଖି ଇ ମହତ୍ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ସେନ୍ତା ଅନେକ ଜାଗାରେ ହିତାଧିକାରୀ ଲାଁଚ୍‌ଖୁଁଚ୍ ଦେଇ ନାଇଁପାରବାର ଲାଗି ଯୋଜନାରୁ ବାଦ୍ ପଡୁଛନ୍। ସବୁ ଦିଗୁ ଝନେ ଘର ପାଏବାର ଲାଗି ହକ୍‌ଦାର ଥିଲେ ବି ଯୋଜନାରୁ ବାଦ୍ ବଡୁଥିବାର ଅନେକ ଜାଗାରେ ଦେଖିବାକେ ମିଲୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍‌ର କୁଲୁଣ୍ଡା ଆନ୍ଧ୍ରପଡ଼ାରେ। ଇ ପଡ଼ାର ବାସୀନଦା ହେଉଛନ୍ ଚପରାଶି ପୋଢ଼। ତାକର ପରିବାର କହେଲେ ମାଏକିନା ଭୁରି ପୋଢ଼ ଆର ଦୁଇଟା ପୁଓକେ ନେଇ ସୁଖର ସଁସାର। ହେଲେ ପରିବାରଟା ନିହାତି ଗରିବ ହେଇଥିଲାବେଲେ ଦୁଇ ବୁଢ଼ାବୁଢ଼ି ପୁଓକର ଉପରେ ନିରଭର କରି ଚଲୁଛନ୍। ଦୁଇ ପୁଓ କୁଲି ମଜୁରି କରି ଜାହା ଆନୁଛନ୍ ସେଥିରେ ପରିବାର ଚଲୁଛେ। ଏନ୍ତା ଅଭାବ ଅନାଟନଥି ଘର ଖଁଡ଼େ ତିଆରିବାର ପରବାର ଲାଗି ସପନ ହେଇଛେ। ଇଆଡ଼େ ଭୁରି ପୋଢ଼କଁର ବଏସ୍ ୭୦ ଟପିଥିଲେ ବି ଆଏଜ୍‌ତକ୍ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ ହେଇ ରହିଛନ୍। ସେନ୍ତା ପରିବାରର ନାଁ ଏସ୍‌ଇସିସି ତାଲିକାରେ ଥିଲେ ବି ଆଏଜ୍‌ତକ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଁଡ଼େ ନୁହେମିଲେ। ତାକର ପୁରନାକାଲିଆ ଘରଟା ଭାଂଗିରୁଜି ଯାଇଥିଲେ ବି ଅଭାବ ଅନାଟନ ଲାଗି ମରାମତି କରି ନାଇଁପାରବାର। ଏନ୍‌ତାଥି ସରକାରୀ ଯୋଜନାରେ ଘରଖଁଡ଼େ ଲାଗି ବାରବାର ପରଶାସନକେ ଗୁହାରି କରି ନିରାଶ ହେଇଥିବାର କହିଛନ୍ ଚପରାଶି ପୋଢ଼। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦକୁଁ ପଚରାଲାରୁ ଘଟଣାର ତଦଁତ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ନିଜର ଦଦ୍‌ରା ଘରଆଘେ ଚପରାଶି ଆର ତାକର ମାଏକିନା ଭୁରି ପୋଢ଼।

ଠିକା କାମକୁ ନେଇ ପୋଡାଜଳା ଘଟଣା

# ଜେଲ ଗଲେ ୩ ଅଭିଯୁକ୍ତ



ଧନୁପାଲି ଥାନା ଗିରଫ କରିଥିବା ୩ ଜଣ ଅଭିଯୁକ୍ତ । ଜବତ ହୋଇଥିବା ମାଉଜର(ଇନ୍‌ସେଟ୍)

**ସମ୍ବଲପୁର,୧୧।୩ (ବ୍ୟୁରୋ)**

ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ନିର୍ବାହୀ ଯନ୍ତ୍ରୀ ରମେଶଚନ୍ଦ୍ର ରଥଙ୍କ ସରକାରୀ ବାସଭବନ ସମ୍ମୁଖରେ ରବିବାର ଗଣ୍ଡଗୋଳ ଓ ମାଡପିଟ ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡିଛି। ଏମାନେ ହେଲେ ଅଙ୍କିତ ସିଂ, ଶ୍ୟାମଲାଲ ଜାଲ ଓ ବିଭାଗୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଶି ଭୂଷଣ ମିଶ୍ର । ସୋମବାର ଧନୁପାଲି ଥାନା ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ମିଳି ନ ଥିଲା। ପୋଲିସ ଅଙ୍କିତଙ୍କଠାରୁ ଏକ ମାଉଜର ଜବତ କରିଛି । ସୂଚନାଯୋଗ୍ୟ ଯେ, ଠିକା କାମକୁ ନେଇ ଏହି ଘଟଣା ଘଟିଥିଲା । ଟାଉନଥାନା ଝାଡୁଆପଡାର କିଶୋର ଷଡଙ୍ଗୀ ନାମକ ଜଣେ ଠିକାଦାରଙ୍କ ସ୍କୁଟି ପୋଡି ପାଉଁଶ ହୋଇଯାଇଥିଲା। ତାଙ୍କ ସ୍କୁଟି ଡିକିରେ ଥିବା ୩ ଲକ୍ଷ ଟଙ୍କା ପୋଡି ଯାଇଥିବା ସେ ଅଭିଯୋଗ କରିଥିଲେ।

# ବରଗଡ଼ ଜିଲା: ଏଥର ଅଧିକ ୩୪ ଭୋଟ୍ କେନ୍ଦ୍ର

■ ଆଗରୁ ଥିଲା ୧୩୪୪ ବୁଥ୍, ଏଥର ୧୩୭୮କୁ ବୃଦ୍ଧି
■ ୧୨୨ ସମ୍ବେଦନଶୀଳ, ୯୫ ଅଧିକ ସମ୍ବେଦନଶୀଳ
■ ନିର୍ବାଚନରେ ୧୨ହଜାର ୨୮୬ କର୍ମଚାରୀଙ୍କୁ ନିୟୋଜିତ

**ବରଗଡ଼ ଅଫିସ,୧୧।୩**

ଆଉ ମାସକ ପରେ ସାଧାରଣ ନିର୍ବାଚନ। ଏଥିପାଇଁ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ରବିବାର ନିର୍ବାଚନ ତାରିଖ ଘୋଷଣା ହେବା ପରେ ଉଭୟ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ଦେଖାଦେଇଛି । ରାଜନୈତିକ ଦଳ ଗୁଡ଼ିକ ନିର୍ବାଚନୀ ରଣକ୍ଷେତ୍ର ସଜାଡୁ ଥିବାବେଳେ ପ୍ରଶାସନିକ ଅଧିକାରୀମାନେ ନିର୍ବାଚନକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ସଜବାଜ ହେଉଛନ୍ତି । ସୋମବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ ।

ବରଗଡ଼ ଜିଲାରେ ସମୁଦାୟ ୧୧ଲକ୍ଷ ୨୯ହଜାର ୩୨୬ ଭୋଟର ଅଛନ୍ତି। ସେଥିମଧ୍ୟରୁ ୫ଲକ୍ଷ ୮୩ହଜାର ୬୦୯ ପୁରୁଷ, ୫ଲକ୍ଷ ୪୫ହଜାର ୬୬୩ ମହିଳା ଏବଂ ୫୪ଜଣ ଅନ୍ୟ ବର୍ଗର ଭୋଟର ଅଛନ୍ତି । ଇତିମଧ୍ୟରେ ୧୮ରୁ ୧୯ବର୍ଷ ବୟସର ୧୧,୪୭୦ଜଣ ନୂଆ ଭୋଟରଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମ ଗ୍ରହଣ କରାଯାଇଛି । ଖବରଦାତା ସମ୍ମିଳନୀରେ ଜିଲାପାଳ ତ୍ରିପାଠୀ ଆହୁରି ସୂଚନା ଦେଇଥିଲେ, ବିଗତ ସାଧାରଣ ନିର୍ବାଚନ ତୁଳନାରେ ଏଥର ଜିଲାରେ ୩୪ଟି ମତଦାନ କେନ୍ଦ୍ର (ବୁଥ୍) ବୃଦ୍ଧି ପାଇଛି। ବିଗତ ବର୍ଷରେ ଜିଲାରେ ୧୩୪୪ଟି ମତଦାନ ରହିଥିଲା । ଏଥର ତାହା ୧୩୭୮କୁ ବଢ଼ିଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୯୮ଟି ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ କରାଯାଉଥିଲା । ଏଥର ଏହି ନିର୍ବାଚନ ମଣ୍ଡଳୀରେ ୨୧ଟି ମତଦାନ କେନ୍ଦ୍ର ବୃଦ୍ଧି ପାଇ ୩୧୯ରେ ପହଞ୍ଚିଛି । ସେହିପରି ବିଜେପୁର ନିର୍ବାଚନ ମଣ୍ଡଳୀର ମତଦାନ କେନ୍ଦ୍ର ସଂଖ୍ୟା ୨୭୦ରୁ ୨୮୫କୁ ବୃଦ୍ଧିପାଇ ଥିବାବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ଏହା ୨୩୩ରୁ ୨୩୧କୁ ହ୍ରାସ ପାଇଛି। ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀରେ ମତଦାନ କେନ୍ଦ୍ର ସଂଖ୍ୟା ୨୫୬ରୁ ୨୫୨କୁ ହ୍ରାସ ପାଇଥିବା ବେଳେ ଭଟଲି ନିର୍ବାଚନ ମଣ୍ଡଳୀରେ ୨୮୭ରୁ ୨୯୧କୁ ବୃଦ୍ଧି ପାଇଛି। ଜିଲାର ସମୁଦାୟ ମତଦାନ କେନ୍ଦ୍ର ମଧ୍ୟରୁ ୧୨୨ଟି ସମ୍ବେଦନଶୀଳ ଏବଂ ୯୫ଟି ମତଦାନ କେନ୍ଦ୍ରକୁ ଅଧିକ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୨୩, ବିଜେପୁର ୬, ବରଗଡ଼ ୩୧, ଅତାବିରା ୨୪ ଏବଂ ଭଟଲି ନିର୍ବାଚନ ମଣ୍ଡଳୀରେ ୪୪ଟି ମତଦାନ କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ଅନ୍ୟପଟେ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୬୫, ବିଜେପୁର ୫, ଅତାବିରା ୪, ଭଟଲିରେ ୧୫ଟି ମତଦାନ ଅଧିକ ସମ୍ବେଦନଶୀଳ ବୋଲି ଚିହ୍ନଟ ହୋଇଥିବାବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀରେ ଏହି ଶ୍ରେଣୀର ମତଦାନ କେନ୍ଦ୍ର ଚିହ୍ନଟ ହୋଇନାହିଁ । ଏଭଳି ସମ୍ବେଦନଶୀଳ ଓ ଅଧିକ ସମ୍ବେଦନଶୀଳ ମତଦାନ କେନ୍ଦ୍ର ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିବା ସୂଚନା ଦିଆଯାଇଛି । ଏଥିପାଇଁ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ବ୍ୟବସ୍ଥା ରହିଥିବାବେଳେ ୧୪୭ଟି ମତଦାନ କେନ୍ଦ୍ରରେ ୱେବ କାଷ୍ଟିଂ, ୭୩ଟି କେନ୍ଦ୍ରରେ ସିସିଟିଭି, ୬୪ଟି କେନ୍ଦ୍ରରେ ମାଇକ୍ରୋ ଅବଜର୍ଭର, ୨୩ଟି କେନ୍ଦ୍ରରେ ଭିଡ଼ିଓଗ୍ରାଫି ଏବଂ ୧୨ଟି କେନ୍ଦ୍ରରେ ଷ୍ଟିଲ କ୍ୟାମେରା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ । ସେହିପରି ଏସ୍‌ପି ମୁକେଶ କୁମାର ଭାମୁ ମଧ୍ୟ ନିର୍ବାଚନ ପାଇଁ ନିଆଯାଇଥିବା ପୋଲିସ ବ୍ୟବସ୍ଥା ଉପରେ କହିଥିଲେ। ସାଧାରଣ ନିର୍ବାଚନରେ ଜିଲାରେ ସମୁଦାୟ ୧୨ହଜାର ୨୮୬ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ମୋଟ୍ ୧୪୯୩ଟି ଚାରି ଚକିଆ, ଛଅ ଚକିଆ ଗାଡ଼ି କର୍ମଚାରୀଙ୍କ ପରିବହନ ଓ ଅନ୍ୟ କାର୍ଯ୍ୟରେ ଲାଗିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସପି ଓ ଅନ୍ୟମାନେ ।

### ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ ଭୋଟ୍

ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ହେବ । ବରଗଡ଼ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୮ତାରିଖରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ଆସନ୍ତା ମାର୍ଚ୍ଚ ୧୯ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଗ୍ରହଣ କରାଯିବ । ମାର୍ଚ୍ଚ ୨୭ରେ ନାମାଙ୍କନ ଯାଞ୍ଚ, ୩୦ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରାଯିବ । ସେହିପରି ମେ ୨୩ତାରିଖରେ ଭୋଟ୍ ଗଣତି ହେବ । ଏଥର ପଦ୍ମପୁର ଆରଏମସି ଗୋଦାମ ଏବଂ ବରଗଡ଼ ପଞ୍ଚାୟତ କଲେଜରେ ଭୋଟ୍ ଗଣତି କରାଯିବା ବ୍ୟବସ୍ଥା ହୋଇଥିବା ଜିଲାପାଳ ସୂଚନା ଦେଇଥିଲେ ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡ଼ା,୧୧।୩(ଡି.ଏନ୍.ଏ.)** ନିଖୋଜର ୫ ଦିନ ପରେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଭୁତୁଡ଼ା ପଞ୍ଚାୟତ ସିଲଗୁଡ଼ା ଗ୍ରାମର ପୁନିଆ ମୁଣ୍ଡା (୪୪)ଙ୍କ ମୃତଦେହ ସୋମବାର ପାହାଡ଼ ତଳୁ ଉଦ୍ଧାର କରାଯାଇଛି। ଖଣ୍ଡାଧାର ଖଣି ମୁଖ୍ୟ ଫାଟକ ସମ୍ମୁଖ ଖେଳପଡ଼ିଆରେ ଗତ ଗୁରୁବାର ଫୁଟବଲ ମ୍ୟାଚ ଅନୁଷ୍ଠିତ ହେଉଥିଲା। ଖେଳ ଦେଖିବାକୁ ଯାଉଛନ୍ତି ବୋଲି କହି ପୁନିଆ ଉକ୍ତ ଦିନ ସକାଳ ପ୍ରାୟ ୯ଟାରେ ଘରୁ ବାହାରିଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ସନ୍ଧ୍ୟାରେ ଖଣ୍ଡାଧାର ଖଣି ଡାକ୍ତରଖାନା ନିକଟ ପାହାଡ଼ର ପ୍ରାୟ ୫୦ ଫୁଟ ତଳେ ଏକ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ସୋମବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନା ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ବେଆଇନ ଟଙ୍କା ଆଦାୟ ବିରୋଧରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ନିର୍ମାଣ ଶ୍ରମିକ।

### ସାଇକେଲ ପ୍ରଦାନ ନାଁରେ ବେଆଇନ ଟଙ୍କା ଆଦାୟ

# ଜିଲାପାଳଙ୍କ ଦ୍ୱାରସ୍ଥ ନିର୍ମାଣ ଶ୍ରମିକ

**ସୁନ୍ଦରଗଡ଼,୧୧।୩(ଡି.ଏନ୍.ଏ.)** ନିର୍ମାଣ ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରି ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଥିବା କହୁଛନ୍ତି। ହେଲେ ସୁନ୍ଦରଗଡ଼ ଜିଲାରେ ନିର୍ମାଣ ଶ୍ରମିକଙ୍କୁ ଏହି ସବୁ ସରକାରୀ ସୁବିଧା ଉପଲବ୍ଧ କରାଇଦେବାକୁ କହି କେତେକ ଶ୍ରମିକ ସଂଗଠନର କର୍ମକର୍ତ୍ତା ଶ୍ରମିକଙ୍କଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ସାଇକେଲ ବଣ୍ଟନ କରାଯିବ ବୋଲି କୁହାଯାଇ ଗତ ୮ ତାରିଖରେ ଜିଲାର ଶହ ଶହ ନିର୍ମାଣ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କାର୍ଡ କରିଥିବା ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟକୁ ଡକାଯାଇଥିଲା। ସାଇକେଲ ବାବଦ ପ୍ରତ୍ୟେକ ଶ୍ରମିକଙ୍କଠାରୁ ୬ଶହରୁ ହଜାର ଟଙ୍କା ଲେଖାଏଁ ଏହି ଶ୍ରମିକ ସଂଗଠନର କର୍ମକର୍ତ୍ତା ଆଦାୟ କରିଥିଲେ। ସାଇକେଲ ପାଇବା ଆଶାରେ ବହୁ ଶ୍ରମିକ ଶ୍ରମ କାର୍ଯ୍ୟାଳୟକୁ ଆସି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋକଶୋଷରେ ଅପେକ୍ଷା କରିଥିଲେ ମଧ ସେମାନଙ୍କୁ ସାଇକେଲ ମିଳି ନ ଥିଲା। ଏହାର ପ୍ରତିବାଦରେ ସୋମବାର କୋଶଲ ସମାଜ ସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ନିର୍ମାଣ ଶ୍ରମିକ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ଘେରାଉ ପାଇଁ ଆସିଥିଲେ। ତେବେ ଶେଷ ମୁହୂର୍ତ୍ତରେ ଘେରାଉ କାର୍ଯ୍ୟକ୍ରମକୁ ବାତିଲ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବେଆଇନ ଭାବେ ଆଦାୟ କରାଯାଇଥିବା ନିର୍ମାଣ ଶ୍ରମିକଙ୍କ ଅର୍ଥ ଫେରସ୍ତ ସହ ସରକାରୀ ଯୋଜନା ମୁତାବକ ହିତାଧିକାରୀଙ୍କୁ ତୁରନ୍ତ ସାଇକେଲ ପ୍ରଦାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ବେଆଇନ ଅର୍ଥ ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲା ମହିଳା ସଚିବ ତରଣୀ ଭୋଇ, ଦଶମୀ କିଷାନ, ସରିତା ପ୍ରଧାନ, ଦ୍ରୌପଦୀ ମହାକୁଳ, ଲତା ସେଠ, ଜୟନ୍ତୀ ତନ୍ତୀ, ଉଲ୍ଲାସ କିଷାନ, ଗେଲବତୀ ମହାକୁଳ, ରୁକ୍ମଣୀ ମିର୍ଦ୍ଧା, ଫୁଲ ତନ୍ତୀ, ସବିତା କିଷାନ, ଫୁଲମତୀ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ଡୁଡ଼ାଲଗା କନ୍ୟାଶ୍ରମ ପ୍ରଧାନ ଶିକ୍ଷକ ଗିରଫ

**ବଡ଼ଗାଁ,୧୧।୩(ଡି.ଏନ୍.ଏ.)** ଛାତ୍ରୀମାନଙ୍କୁ ଅସଦାଚରଣ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଡୁଡ଼ାଲଗା କନ୍ୟାଶ୍ରମ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସେନାପତିଙ୍କୁ ଗିରଫ କରିଛି। ଏ ନେଇ ପୋକ୍ସୋ ଆକ୍ଟ ଧାରା ୩୫୪ (ଏ)ରେ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରଧାନ ଶିକ୍ଷକ ସେନାପତି ଛାତ୍ରୀମାନଙ୍କୁ ପାଖକୁ ଡାକି ସେମାନଙ୍କୁ ଅସଦାଚରଣ କରୁଥିବା ଜଣେ ଛାତ୍ରୀ ତାଙ୍କ ମାଆଙ୍କୁ ଜଣାଇଥିଲେ। ଏହି କଥା ପ୍ରଚାରିତ ହେବା ପରେ ସେନାପତି ଆଉ କେତେଜଣ ଛାତ୍ରୀଙ୍କୁ ମଧ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଛାତ୍ରୀମାନଙ୍କ ଅଭିଭାବକମାନେ ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ମହାନନ୍ଦିଆଙ୍କୁ ଜଣାଇଥିଲେ। ମହାନନ୍ଦିଆଙ୍କ ସମେତ କେତେଜଣ ଅଭିଭାବକ ଏ ନେଇ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ରବିବାର ଅଭିଭାବକମାନେ ସ୍କୁଲ କମିଟି ସଭାପତିଙ୍କ ସହ ସ୍କୁଲ ଯାଇ ପ୍ରଧାନ ଶିକ୍ଷକଙ୍କୁ ପଚାରିଥିଲେ। ସେ ଆଉ ଏପରି ଭୁଲ କରିବେ ନାହିଁ, ବୁଝାମଣା କରିଦେବା ବୋଲି କହି ସେନାପତି ଏକ ଘରେ ପଶିଯାଇଥିଲେ। ଉତ୍ତ୍ୟକ୍ତ ଅଭିଭାବକମାନେ ସେଠାରେ ପାଟିତୁଣ୍ଡ କରିବା ସହ ଅପରାହ୍ନରେ ଥାନାକୁ ଯାଇ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସ୍କୁଲକୁ ଯାଇ ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ କରିଥିଲା। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପ୍ରଧାନ ଶିକ୍ଷକ ସେନାପତିଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିଥିଲା। ସୋମବାର ତାଙ୍କର ଡାକ୍ତରୀମାଇନା କରାଯାଇଛି।ଅନ୍ୟପକ୍ଷରେ ସୋମବାର ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର, ଏସ୍‌ଡିପିଓ ବିଜୟ କୁମାର ନନ୍ଦ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ସେନାପତିଙ୍କୁ କୋର୍ଟ ଚାଲାଣ କରାଯାଇ ନାହିଁ।

### ବିଧାୟକଙ୍କ ପ୍ରତି ଅସନ୍ତୋଷ

# ବିଜେଡିରେ ମିଶିଲେ ବରିଷ୍ଠ କଂଗ୍ରେସ କର୍ମୀ



ଏମ୍‌ଡି. ହଫିଜ।

**ବଡ଼ଗାଁ,୧୧।୩(ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା ବଡ଼ଗାଁର ବରିଷ୍ଠ କଂଗ୍ରେସ କର୍ମୀ ମହମ୍ମଦ ହଫିଜ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଗତ ୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳଙ୍କ ସହ ଭୁବନେଶ୍ୱର ନବୀନ ନିବାସଠାରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ସ୍ନାତକ ପଢୁଥିବାବେଳେ ୧୯୮୬ରେ ସେ ଛାତ୍ର କଂଗ୍ରେସରେ ଯୋଗଦେଇଥିଲେ। ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ଜିଲା ଯୁବ କଂଗ୍ରେସ (ଆଇ)ର ଉପସଭାପତି ଓ ପରେ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭ୍ୟ ଥିଲେ। ସଂଖ୍ୟାଲଘୁ ସେଲ୍ ସାଧାରଣ ସମ୍ପାଦକ ଦାୟିତ୍ୱ ମଧ ତୁଲାଇଥିଲେ। ତେବେ କଂଗ୍ରେସ ଛାଡ଼ିବାର କାରଣ ପଚରାଯିବାରୁ ସେ କହିଲେ, ବଡ଼ଗାଁ ବ୍ଲକର କେତେଜଣ କର୍ମକର୍ତ୍ତା, ବିଧାୟକ ଓ ତାଙ୍କ ସମର୍ଥକମାନେ ମୋ ପ୍ରତି ଅବହେଳା କରି ଆସୁଥିଲେ। ତେଣୁ ଦଳରୁ ଇସ୍ତଫା ଦେଇ ବିଜେଡିରେ ମିଶିଲି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଜିଲା ନେତୃବୃନ୍ଦଙ୍କ ପ୍ରତି ମୋର ଭରସା ରହିଛି। ମତେ ଯେଉଁ ଦାୟିତ୍ୱ ଦିଆଯିବ ନିଷ୍ଠାର ସହିତ ପାଳନ କରିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହ ବଡ଼ଗାଁ ଡାକବଙ୍ଗଳାରେ କଂଗ୍ରେସ କର୍ମୀ ସମ୍ମିଳନୀରେ ମଧ କେତେଜଣ ସକ୍ରିୟ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କାରଣରୁ ବ୍ଲକ ଅଞ୍ଚଳର ଆଉ କେତେଜଣ ବରିଷ୍ଠ କର୍ମୀ ଦଳ ଛାଡ଼ିବା ନେଇ ଆଲୋଚନା ହେଉଛି। କଂଗ୍ରେସରେ କର୍ମୀ ଅସନ୍ତୋଷ କାରଣରୁ ଗତ ପଞ୍ଚାୟତ ନିର୍ବାଚନରେ ତଳସରା ନିର୍ବାଚନ ମଣ୍ଡଳୀର ୭ ଜିଲା ପରିଷଦ ଜୋନ୍‌ରୁ କଂଗ୍ରେସ ମାତ୍ର ଗୋଟିଏରେ ବିଜୟୀ ହୋଇଥିବା କୁହାଯାଉଛି।

# ଇଭିଏମ୍, ଭିଭିପାଟ୍ ସମ୍ପର୍କିତ ସଚେତନତା



କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଇଭିଏମ୍, ଭିଭିପାଟ୍ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ତାଲିମଦାତା।

**କୁଆଁରମୁଣ୍ଡା,୧୧।୩(ଡି.ଏନ୍.ଏ.)** ଆସନ୍ତା ସାଧାରଣ ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସହ ପ୍ରଥମ ଥର ପାଇଁ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରାଏଲ (ଭିଭିପାଟ୍) ବ୍ୟବହାର କରାଯିବ। ଏହାର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଓ ଭୋଟଦାନକୁ ଗୋପନୀୟ ଓ ସୁରକ୍ଷିତ ରଖିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ମର୍ମରେ କୁଆଁରମୁଣ୍ଡା ବ୍ଲକ ତାଲିମ କେନ୍ଦ୍ରରେ ରବିବାର ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବ୍ଲକ ଅଞ୍ଚଳର ସମସ୍ତ ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରି ଏହାର ବ୍ୟବହାର ସମ୍ପର୍କରେ ବିଶଦ ଭାବେ ଅବଗତ ହେବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଲିମଦାତାଙ୍କଠାରୁ ପଚାରି ବୁଝିଥିଲେ। ସେମାନେ ନିଜେ ଏହାର ପ୍ରୟୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଏବିଡିଓ ଭବାନୀଶଙ୍କର ପାଢ଼ୀ ମୁଖ୍ୟ ତାଲିମଦାତା ଭାବେ ଉପସ୍ଥିତ ଥିଲେ। ଜିପିଇଓ ନିରଞ୍ଜନ ନାଏକ, ପିଇଓ ଦେବବ୍ରତ ଦାସ, କନିଷ୍ଠ ଯନ୍ତ୍ରୀ ଭରତ ସାହୁ, ସିଇଓ ମନୋଜ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଙ୍ଗଲ ଜମି ପଟ୍ଟା ବଣ୍ଟନରେ ବିଳମ୍ବ

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ବାଲିଶଙ୍କରା,୧୧।୩(ଡି.ଏନ୍.ଏ.)** ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଝାରେନମାଲ, କାଙ୍କେରଯୋର, ଜଡ଼ାକୁଦର, ବରୋମାଲ, ଯୁରାଜାମ, ରପଟଯୋର, ଦିଆପଥର, ଜାମୁଦର, ହାତୀଛାପଲ ପ୍ରଭୃତି ଗ୍ରାମର ହିତାଧିକାରୀଙ୍କ ନାମରେ ଜଙ୍ଗଲ ଜମି ପଟ୍ଟା ହୋଇଛି। କିନ୍ତୁ ଏହା ଲୋକଙ୍କୁ ପ୍ରଦାନ କରାଯିବାରେ ବିଳମ୍ବ ହେଉଛି। ତୁରନ୍ତ ଜମି ପଟ୍ଟା ପ୍ରଦାନ ପାଇଁ ବିଭିନ୍ନ ଗ୍ରାମର ହିତାଧିକାରୀ ସୋମବାର ତହସିଲଦାର ବାସନ୍ତୀ ଲାକ୍ରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ତହସିଲ, ଆର୍‌ଆଇ ଅଫିସ ସମ୍ମୁଖରେ ଅନଶନରେ ବସିବେ ବୋଲି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଖୁବଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ଲାକ୍ରା ପ୍ରତିଶ୍ରୁତି ଦେଇଛନ୍ତି। ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ବେଳେ ଆଠକୋଶିଆ ମଞ୍ଚ ସଦସ୍ୟା ସୁପ୍ରିୟାନ ଶାଖା, ନିଲିମା ଟପ୍ପୋ, ଇବ୍ରାମ ମିଞ୍ଜ, ଲାଲମନି ମିଞ୍ଜ, ଶାନ୍ତି କୁଜୁର ପ୍ରମୁଖ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

### କମ୍ପାନୀ ପ୍ରରୋଚନାରେ ଆଜାଦଙ୍କୁ ଗିରଫ କରିଛି ପୋଲିସ

**ସମ୍ବଲପୁର,୧୧।୩(ବ୍ୟୁରୋ)** ବେଦାନ୍ତ କମ୍ପାନୀ ପ୍ରରୋଚନାରେ ସାମାଜିକ କର୍ମୀ ଲିଙ୍ଗରାଜ ଆଦାଦଙ୍କୁ ପୋଲିସ ଗିରଫ କରିଛି । ତେଣୁ କମ୍ପାନୀ ପ୍ରୀତି ନ ଦେଖାଇ ଆଜାଦଙ୍କୁ ମୁକ୍ତ କରାଯାଉ। ନ ହେଲେ ସରକାର ଏହାର ପରିଣାମ ପାଇଁ ଦାୟୀ ରହିବ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟେଶରେ ଏଡିଏମ୍ ଅଜୟ ଜେନାଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯାଇଛି। ଜଣେ ଜାତୀୟ ସ୍ତରର ସାମାଜିକ କର୍ମୀଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇ ଗଣତନ୍ତ୍ରକୁ ଉପହାସ କରାଯାଇଛି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ, ଚନ୍ଦ୍ର ଶେଖର ପଣ୍ଡା, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ମହାପାତ୍ର, ପ୍ରଦୀପ ପାତ୍ର, ସମୀର ପାଢ଼ୀ, ବିପିନ ବିହାରୀ ଭୋଇ, ବିଭୂତି ଭୂଷଣ ସାହୁ, ଶାନ୍ତନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଯୋଗ ଶୁଣାଣି ଶିବିର ବନ୍ଦ

**ଦେବଗଡ,୧୧।୩(ସ୍ୱ.ପ୍ର.)** ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏଣୁ ଆସନ୍ତା ୧୧ ତାରିଖଠାରୁ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଉ ହେବନି। ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଶୁଣାଣି ବନ୍ଦ ରହିବ। ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ସୂଚନା ଦିଆଯାଇଛି।

### ଠିକା କାମକୁ ନେଇ ପୋଡାଜଳା ଘଟଣା

# ଜେଲ ଗଲେ ୩ ଅଭିଯୁକ୍ତ

**ସମ୍ବଲପୁର,୧୧।୩ (ବ୍ୟୁରୋ)** ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ନିର୍ବାହୀ ଯନ୍ତ୍ରୀ ରମେଶଚନ୍ଦ୍ର ରଥଙ୍କ ସରକାରୀ ବାସଭବନ ସମ୍ମୁଖରେ ରବିବାର ଗଣ୍ଡଗୋଳ ଓ ମାଡପିଟ ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡିଛି। ଏମାନେ ହେଲେ ଅଙ୍କିତ ସିଂ, ଶ୍ୟାମଲାଲ ଜାଲ ଓ ବିଭାଗୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଶି ଭୂଷଣ ମିଶ୍ର। ସୋମବାର ଧନୁପାଲି ଥାନା ପୋଲିସ ଏମାନଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ମିଳି ନ ଥିଲା। ପୋଲିସ ଅଙ୍କିତଙ୍କଠାରୁ ଏକ ମାଉଜର ଜବତ କରିଛି। ସୂଚନାଯୋଗ୍ୟ ଯେ, ଠିକା କାମକୁ ନେଇ ଏହି ଘଟଣା ଘଟିଥିଲା । ଟାଉନଥାନା ଝାଡୁଆପଡାର କିଶୋର ଷଡଙ୍ଗୀ ନାମକ ଜଣେ ଠିକାଦାରଙ୍କ ସ୍କୁଟି ପୋଡି ପାଉଁଶ ହୋଇଯାଇଥିଲା। ତାଙ୍କ ସ୍କୁଟି ଡିକିରେ ଥିବା ୩ ଲକ୍ଷ ଟଙ୍କା ପୋଡି ଯାଇଥିବା ସେ ଅଭିଯୋଗ କରିଥିଲେ।

# ପିଟିଏ ଖଣି ପକ୍ଷରୁ ଏସ୍‌ଏଚ୍‌ଜିକୁ ଶାଢ଼ି ବଣ୍ଟନ

**ଟେନସା,୧୧।୩(ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ପେଙ୍ଗୁଇନ ଟ୍ରେଡିଂ ଏଜେନ୍ସି (ପିଟିଏ) ଖଣି ପକ୍ଷରୁ କୋଇଡ଼ା ବ୍ଲକର ୧୦ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଶାଢ଼ି ବଣ୍ଟନ କରାଯାଇଛି। ଏଥିପାଇଁ ଗତ ୭ ତାରିଖରେ କେଲାବାଗନା ହାଟିଙ୍ଗିଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋଇଡ଼ା ଅତିରିକ୍ତ ତହସିଲଦାର ଡ. ସାଇସଙ୍ଗୀତା ହୋତା ଯୋଗଦେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ କି ସୁବିଧା ଯୋଗାଇ ଦିଅଯାଉଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖଣି ପରିଚାଳକ କ୍ଷୀରୋଦ କୁମାର ସାହୁ, ମ୍ୟାନେଜର ଟଙ୍କଧର ବେହେରା, ସ୍ଥାନୀୟ ସରପଞ୍ଚ ଅସମିତ ମୁଣ୍ଡା, ୱାର୍ଡ ସଭ୍ୟ ନନ୍ଦ ମୁଣ୍ଡା, ଅଜିତ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମା’ ଲକ୍ଷ୍ମୀ, ମା’ ତାରିଣୀ, ସ୍ୱପ୍ନା, ମା’ ଶକ୍ତି, ସଦାନା, ରାଧିକା, ମା’ ଦୁର୍ଗା, ମା’ ସନ୍ତୋଷୀ ପ୍ରଭୃତି ଏସ୍‌ଏଚ୍‌ଜିର ସଦସ୍ୟାମାନଙ୍କୁ ୧୨୨ ଖଣ୍ଡ ଶାଢ଼ି ବଣ୍ଟନ କରାଯାଇଥିଲା। ଖଣି ପକ୍ଷରୁ ଅଜିତ କୁମାର ପଣ୍ଡା, ଜ୍ଞାନେନ୍ଦ୍ର ବିଶ୍ୱାଳ, ଆନନ୍ଦ କୁମାର ସାମଲ, ବସନ୍ତ ନାୟକ, ରାଜକିଶୋର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପିଟିଏ ଖଣି ପକ୍ଷରୁ ଜଣେ ମହିଳାଙ୍କୁ ଶାଢ଼ି ବଣ୍ଟନ କରାଯାଉଛି।

# କମାଣ୍ଡରକୁ ଧକ୍କା ଦେଲା କୋଇଲା ବୋଝେଇ ଟ୍ରକ୍: ଜଣେ ମୃତ, ୫ ଆହତ

**ସମ୍ବଲପୁର,୧୧।୩(ବ୍ୟୁରୋ)** ସମ୍ବଲପୁର ସଦର ଥାନା ଝାଙ୍କରପାଲି ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଗୋଟିଏ କମାଣ୍ଡରକୁ ପଛପଟୁ ଧକ୍କା ଦେଇଛି । ଏଥିରେ ମୁରା ଗ୍ରାମର ତପସ୍ୱିନୀ ସାହୁ (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଡ୍ରାଇଭର ଗୋବିନ୍ଦତୋଲାର ଖଲେଶ୍ୱର ବର୍ମାଙ୍କ ସମେତ ଆଉ ୪ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ହାତୀବାରୀ ଗ୍ରାମର ଦୟାଲାଲ ଗଡିଆଳ (୬୦), ସବିତା ରଣା (୪୭), ମୁଣ୍ଡେର ଗ୍ରାମର ରଶ୍ମିତା ବେହେରା (୪୫) । ଏମାନେ ଗୁରୁତର ଆହତ ହୋଇ ଜିଲା ସଦର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୁଣ୍ଡେର ଗ୍ରାମର ସ୍ୱରୂପା ଭୋଇ (୩୬) ଚିକିତ୍ସା ପରେ ଘରକୁ ଫେରିଛନ୍ତି । ଡ୍ରାଇଭର ଖଲେଶ୍ୱରଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି । ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର ହୋଇଯାଇଛି।ସୂଚନାଯୋଗ୍ୟ ଯୁଯୁମୁରାରୁ କମାଣ୍ଡର (ନଂ ଓଡି ୧୫ ଡି- ୦୯୭୮) ଯାତ୍ରୀ ନେଇ ମାନେଶ୍ୱର ବଜାରକୁ ଆସୁଥିଲା । ବସିଆପଡାରୁ ତପସ୍ୱିନୀ ଏକ ଶ୍ରାଦ୍ଧ ଭୋଜିରେ ଯୋଗ ଦେଇ ଫେରୁଥିଲେ । ସେହିପରି ଅନ୍ୟ ଯାତ୍ରୀମାନେ ମଧ ବଜାରକୁ ଆସୁଥିଲେ । ଝାଙ୍କରପାଲି କେନାଲ ଛକରେ ଯାତ୍ରୀ ଚଢାଇବା ପାଇଁ କମାମଣ୍ଡର ଅଟକିଥିଲା । ସେହି ସମୟରେ କଟକ ପଟୁ ଦ୍ରୁତ ଗତିରେ ଏକ କୋଇଲା ବୋଝେଇ ଟ୍ରକ୍ ଆସି ପଛପଟୁ ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତପସ୍ୱିନୀ ରାସ୍ତା ଛିଟିକି ପଡିଥିଲେ ଓ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଆହତମାନଙ୍କୁ ସ୍ଥାନୀୟ ଲୋକେ ସମ୍ବଲପୁର ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ । ସଦର ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ ଟ୍ରକକୁ ଧରି ପାରି ନ ଥିବା ଅଭିଯୋଗ ହେଉଛି ।

# ବିଜେଡିରେ ମିଶିଲେ ଅନ୍ୟ ଦଳର ୫୦ କର୍ମୀ

**କୁଆଁରମୁଣ୍ଡା,୧୧।୩(ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଇନ୍ଦ୍ରପୁରଠାରେ ସୋମବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଂଗ୍ରେସ ଓ ଭାଜପାର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଦଳରେ ସାମିଲ ହୋଇଛନ୍ତି। କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର କୁଜୁରଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଦଳୀୟ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ଧାମନଗର ବିଧାୟକ ରାଜେନ୍ଦ୍ର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବୀରମିତ୍ରପୁର ବିଧାୟକ ନିହାର ସୁରିନ, ପ୍ରେମା ଦାସ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମକଲୁ ଏକ୍କା, ଏଲ୍.ଏ.ଭି. ଶେଖର ଦେଓ, ବୀରମିତ୍ରପୁର ଟାଉନ ବିଜେଡି ସଭାପତି କୁନା ଦେଓ ପ୍ରମୁଖ ଉପସ୍ଥିତ ରହି ବିଜେଡି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ।



ଇନ୍ଦ୍ରପୁରଠାରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।